

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net



ବାଲେଶ୍ୱର ❑ ମଙ୍ଗଳବାର ୧୯ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 19 August 2025
Vol.No. 36 ■ No.218 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ତେଜିଲା ଭୋଟ୍ ଚୋରି ତାତି : ସିଇସିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ବିରୋଧୀଙ୍କ ଯୋଜନା



ନୂଆଦିଲ୍ଲୀ,୧୮/୮ : କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିସନଙ୍କ ବିରୋଧରେ ଆଣିଥିବା 'ଭୋଟ ଚୋରି' ଅଭିଯୋଗ ନେଇ ରାଜନୀତି ସରଗରମ ରହିଥିବା ବେଳେ ଆଜି ମୁଖ୍ୟ ନିର୍ବାଚନ କମିସନ ଏ ବାବଦରେ ରାହୁଲଙ୍କୁ ନିଶାଣ କରିଛନ୍ତି । ରାହୁଲଙ୍କ ଅଭିଯୋଗର ଜବାବ ରଖି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି, ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ଅଭିଯୋଗ ପାଇଁ ତାଙ୍କୁ ସପ୍ତାହକ ମଧ୍ୟରେ ସତ୍ୟପାଠ ଦେବାକୁ ପଡ଼ିବ କିମ୍ବା ଦେଶବାସୀଙ୍କୁ କ୍ଷମା ମାଗିବାକୁ ହେବ। ଏହାର କୌଣସି ତୃତୀୟ ବିକଳ୍ପ ନାହିଁ । ସାତ ଦିନ ମଧ୍ୟରେ ସତ୍ୟପାଠ ନ ମିଳିଲେ ଅଭିଯୋଗ ଭିତ୍ତିହୀନ ବୋଲି ଧରାଯିବ ଏବଂ ଦେଶରେ ଅଯଥା ବିଭ୍ରାନ୍ତି ସୃଷ୍ଟି ପାଇଁ ସଂପୃକ୍ତ ନେତାଙ୍କୁ ଦାୟୀ କରାଯିବ ବୋଲି କୁମାର କହିଛନ୍ତି। ବିନା ପ୍ରମାଣରେ ଯୋଗ୍ୟ ଭୋଟରଙ୍କ ନାମ କଟାଯିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ କମିସନର ସ୍ପଷ୍ଟ କରିଛନ୍ତି। ନିର୍ବାଚନ ଆୟୋଗ ସବୁବେଳେ ପ୍ରତ୍ୟେକ ଭୋଟରଙ୍କ ସହ ଦୃଢ଼ତାର ସହ ରହିଛନ୍ତି ଏବଂ ଏହାକୁ ନେଇ କାହାର କିଛି ସନ୍ଦେହ ରହିବା ଉଚିତ ନୁହେଁ ବୋଲି କୁମାର କହିଛନ୍ତି। ଯଦି କେହି ଭାବୁଛନ୍ତି ଯେ ଭୁଲ୍ ତଥ୍ୟ ଦେଇ ତାହାକୁ ନିର୍ବାଚନ କମିସନଙ୍କ ତଥ୍ୟ ଭଳି ଦର୍ଶାଇ ବିଭ୍ରାନ୍ତି ସୃଷ୍ଟି କରିପାରିବେ, ତା'ହେଲେ ଏହା ଏକ ଭ୍ରାନ୍ତ ଧାରଣା। ବିନା ସତ୍ୟପାଠରେ, ବିନା କୌଣସି ଯୁକ୍ତିଯୁକ୍ତ ପ୍ରମାଣ ଆଧାରରେ ନିର୍ବାଚନ ଆୟୋଗଙ୍କ ବିରୋଧରେ ଏଭଳି ଗମ୍ଭୀର ପ୍ରସଙ୍ଗ ଉଠାଇବା ଉଚିତ ନୁହେଁ। ନିର୍ବାଚନ କମିସନଙ୍କ କାନ୍ଧରେ ବନ୍ଧୁକ ରଖି ଭାରତର ଭୋଟରଙ୍କୁ ଟାର୍ଗେଟ୍ କରି ରାଜନୀତି କରାଯାଉଛି ବୋଲି କୁମାର କହିଛନ୍ତି। ନିର୍ବାଚନ ଆୟୋଗ ବିନା ଭେଦଭାବରେ ସବୁ ଧର୍ମର ଭୋଟରଙ୍କ ସହ ନିର୍ଭୟରେ ଠିଆ ହୋଇଛନ୍ତି। ଆମ ପାଇଁ କେହି ପକ୍ଷ କି ବିପକ୍ଷ ନୁହନ୍ତି, ସମସ୍ତେ ସମାନ ବୋଲି କୁମାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି

▶▶ପୃଷ୍ଠା ୭

# ଓଡ଼ିଶାରେ ୨୪ ବର୍ଷ ପରେ ହେବ ଭୋଟର ତାଲିକାର ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍




ଭୁବନେଶ୍ୱର, ୧୮/୮ (ନି.ପ୍ର): ରାଜ୍ୟରେ ୨୪ ବର୍ଷ ପରେ ଭୋଟର ତାଲିକାର ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍ ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ମାସରୁ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ ସୋମବାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ୨୦୦୨ ମସିହାରେ ରାଜ୍ୟରେ ଏଭଳି ଏକ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା କରାଯାଇଥିଲା। ଏହି ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍ ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ତ୍ରୁଟିମୁକ୍ତ କରିବା। ଏହା ମାଧ୍ୟମରେ ଭୋଟର ତାଲିକାରୁ ଅଯୋଗ୍ୟ, ମୃତ ବା ଅନୁପସ୍ଥିତ ଭୋଟରଙ୍କ ନାମ ବାଦ ଦିଆଯିବ ଏବଂ ନୂତନ ଭୋଟରଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯିବ। ଏହା ସହିତ ଭୋଟର ପରିଚୟ ପତ୍ରରେ ଥିବା ତ୍ରୁଟି ଯଥା ନାମ, ଠିକଣା ବା ଅନ୍ୟାନ୍ୟ ତଥ୍ୟରେ ସଂଶୋଧନ କରାଯିବ। ଆର.ଏସ୍. ଗୋପାଳନ କହିଛନ୍ତି, "ଏହି ପ୍ରକ୍ରିୟା ନିର୍ବାଚନକୁ ଅଧିକ ସ୍ୱଚ୍ଛ ଓ ନିରପେକ୍ଷ କରିବାରେ ସହାୟକ ହେବ। ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ଅଯୋଗ୍ୟ ନାମଗୁଡ଼ିକୁ ବାଦ ଦେବା ହେଉଛି ଆମର ଲକ୍ଷ୍ୟ।" ଏହି ପ୍ରକ୍ରିୟା ୨୦୨୫ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨୦୨୬ ଜାନୁଆରୀ ୭ ସୁଦ୍ଧା ଚୂଡ଼ାନ୍ତ ଭେରିଫିକେସନ ସହିତ ସମାପ୍ତ ହେବ। ଏହି ସମୟରେ ରାଜ୍ୟର ସମସ୍ତ ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ୨୧ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ଘରେ ଘରେ ଯାଇ ଭୋଟର ତାଲିକାର ଯାଞ୍ଚ କରାଯିବ। ଏଥିପାଇଁ ବୁଥ ଲେଭେଲ ଅଫିସର ଏବଂ ଅନ୍ୟାନ୍ୟ ନିର୍ବାଚନ ଅଧିକାରୀମାନେ ନିୟୋଜିତ ହେବେ। ଏହା ସହିତ, ଅନଲାଇନ୍ ପୋର୍ଟାଲ www.nvsp.in ଏବଂ Voter Helpline App ମାଧ୍ୟମରେ ଜନସାଧାରଣ ନିଜର ନାମ ଯାଞ୍ଚ କରିପାରିବେ ଏବଂ ଆବଶ୍ୟକ ହେଲେ ସଂଶୋଧନ କିମ୍ବା ନୂତନ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଅଫଲାଇନ୍ ମାଧ୍ୟମରେ ମଧ ସଂଶୋଧନ ପାଇଁ ଫର୍ମ-୬, ଫର୍ମ-୭ ଓ ଫର୍ମ-୮ ଉପଲବ୍ଧ ରହିଛି। ପ୍ରକ୍ରିୟା ଘୋଷଣା ପୂର୍ବରୁ ବିଜେଡି ଏବଂ କଂଗ୍ରେସ ଏହାକୁ ରାଜନୈତିକ ପ୍ରଭାବ ସୃଷ୍ଟି କରିବାର ଏକ ଉଦ୍ୟମ ବୋଲି ଅଭିଯୋଗ କରିଥିଲେ।

▶▶ପୃଷ୍ଠା ୭

# ମାଇନିଂ କମ୍ପାନି ସହ ରହିଛି ମାଓବାଦୀ ଲିଙ୍କ୍: ଅସ୍ତ୍ର ବଳ ଯୋଗାଉଛନ୍ତି ବେନାମୀ ଖଣି ମାଲିକ




ଭୁବନେଶ୍ୱର, ୧୮/୮ (ନି.ପ୍ର): ଶକ୍ତିହୀନ ମାଓ ସଂଗଠନକୁ ବଳ ଯୋଗାଉଛନ୍ତି ମାଇନିଂ କମ୍ପାନି। ଅସ୍ତ୍ର ସଂକଟରେ ଜଙ୍ଗଲରୁ ଜଙ୍ଗଲ ଘୂରିବୁଲୁଥିବା ମାଓବାଦୀଙ୍କୁ ବିସ୍ଫୋରକ ଯୋଗାଉଛନ୍ତି ଖଣି ମାଫିଆ। ଏଭଳି ଚାଞ୍ଚଲ୍ୟକର ସୁରାକ୍ ଲାଗିଛି ରାଜ୍ୟ ଗୁଇନ୍ଦା ବିଭାଗ ହାତରେ। ଗୋଟିଏ ପରେ ଗୋଟିଏ ସ୍ଥାନରୁ ବେଆଇନ ବିସ୍ଫୋରକ ଜବତ ହେବା ଆଉ ଏହି ସବୁ ବିସ୍ଫୋରକ ସହ ମାଓ ଲିଙ୍କ୍ ମିଳିବା ପରେ ଏ ନେଇ ଏମିତି କିଛି ତଥ୍ୟ ଦେଇଛନ୍ତି ଆଣ୍ଟି ନକ୍ସଲ ଅପରେସନ ଏଡିଜି ସଂଜୀବ ପଣ୍ଡା। ଗତକାଲି କନ୍ଧମାଳ ପୋଲିସ ଗଞ୍ଜାମ ଚମାଖଣ୍ଡି ଥାନା ଜଗନ୍ନାଥପୁର ଗାଁର ଏକ ଗୁହାଳ ଘରୁ ୧୦ ଟନ ବିସ୍ଫୋରକ ଜବତ କରିଥିଲା। ଯାହାକୁ ନେଇ ଆରମ୍ଭ ହୋଇଛି ଖୋଳତାଡ। ସବୁଠୁ ବଡ଼ କଥା ହେଉଛି ଗଞ୍ଜାମରୁ ଜବତ ବିସ୍ଫୋରକ ଓ ଗତ ଜୁଲାଇ ୧୭ ତାରିଖରେ କନ୍ଧମାଳ ଗୁମା ଜଙ୍ଗଲରୁ ଜବତ ବିସ୍ଫୋରକ ସାମଗ୍ରୀ ଗୋଟିଏ କମ୍ପାନିର। ଭଲଭାବେ ଦେଖନ୍ତୁ ଜବତ ଏ ଜିଲୋଟିନ୍ସ୍। ଆପେକ୍ସ ବୁଷ୍ଟ ବ୍ରାଣ୍ଡ, କଂପାନି ଏପି ଏକ୍ସପ୍ଲୋସିଭ୍ ପ୍ରାଇଭେଟ୍ ଲିମିଟେଡ। ଖାଲି ସେତିକି ନୁହେଁ ବିନା କୌଣସି ଲାଇସେନ୍ସରେ ଏହି ସବୁ ବିସ୍ଫୋରକ ଆନ୍ଧ୍ରପ୍ରଦେଶରୁ ଆଣି ରଖିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ ପରେ ସେମାନଙ୍କୁ ପଚରାଉଚରାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବି ଲାଗିଛି ପୋଲିସ୍ ହାତରେ। ଏଭଳି ତଥ୍ୟ ସାମ୍ନାକୁ ଆସିବା ପରେ ଏବେ ସାରା ରାଜ୍ୟରେ ଚାଲିଥିବା ଖଣି ଖଦାନ ସହ ପଥର କ୍ୱାରୀ ଉପରେ ଗୁଇନ୍ଦା ବିଭାଗର ନଜର। ପୂର୍ବରୁ କେବଳ ମାଓ ଉପଦ୍ରୁତ ଜିଲ୍ଲାର ଖଣି ଖାଦାନରେ ଯାଞ୍ଚ ହେଉଥିଲା। ଗଞ୍ଜାମ ଘଟଣା ପରେ ଏବେ ସାରା ରାଜ୍ୟରେ ଏହି ଯାଞ୍ଚ କରାଯିବ ବୋଲି ସୂଚନା ଦେଇଛନ୍ତି ଏଡିଜି ଅପରେସନ୍।

▶▶ପୃଷ୍ଠା ୭

# ଲଗାଣ ବର୍ଷାରେ ବେହାଲ ଦକ୍ଷିଣ ଓଡ଼ିଶା: ଭାଙ୍ଗିଲା ବିମାନବନ୍ଦର ପାଚେରି, ବୁଡ଼ିଲା ପୋଲ



ଭୁବନେଶ୍ୱର, ୧୮/୮ (ନି.ପ୍ର): ନିର୍ଦ୍ଧୁମ ବର୍ଷିଲା, ନିର୍ଘାତ ଛେଚିଲା । ବର୍ଷା ବିପ୍ରାତରେ କଲବଲ ହେଲା ଦକ୍ଷିଣ ଓଡ଼ିଶା । କେଉଁଠି ରାସ୍ତା ଉପରେ ପାଣି ଚାଲିଲା ତ ପୁଣି କେଉଁଠି ଭାଙ୍ଗିଲା ଘରଦ୍ୱାର । ମାଲକାନଗିରିରେ ବିମାନବନ୍ଦରର ପାଚେରୀ ଭାଙ୍ଗିଥିବା ବେଳେ ଖଲ୍ଲିକୋଟରେ ଘରେ ପଶିଲା ଚିଲିକା ପାଣି । ଏତିକିରେ ସରିନି ବର୍ଷା ବିପ୍ରାତ । ଆଗାମୀ ୨୪ ଘଣ୍ଟା ପାଇଁ ୩ ଜିଲ୍ଲାକୁ ରେର୍ଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ପ୍ରକୃତି କୋପ କଲେ କଣ ହୁଏ ତାହା ଦେଖୁଛି ଦକ୍ଷିଣ ଓଡ଼ିଶା । ଲଗାଣ ବର୍ଷାରେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାର ହାଲ ବେହାଲ। ମାଲକାନଗିରି ଜିଲ୍ଲାର ଦୃଶ୍ୟ ହିଁ ବୟାନ କରୁଛି, ବର୍ଷା କେମିତି ପୂରା ଜନଜୀବନକୁ ଠପ୍ କରିଦେଇଛି ।

▶▶ପୃଷ୍ଠା ୭

# ଆସାମରେ ୪.୩ ତୀବ୍ରତାର ଭୂମିକମ୍ପ

ନୂଆଦିଲ୍ଲୀ,୧୮/୮ : ସୋମବାର ଅପରାହ୍ନରେ ଆସାମର ନଗାଓଁ ଜିଲ୍ଲାରେ ଭୂମିକମ୍ପ ଅନୁଭୂତ ହୋଇଛି । ଭାରତୀୟ ଭୂକମ୍ପ ବିଜ୍ଞାନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଦିନ ୧୨ଟା ୯ ମିନିଟ୍ ୩୩ ସେକେଣ୍ଡରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୩ ଥିଲା। ଭୂମିକମ୍ପ ଯୋଗୁଁ କୌଣସି ସ୍ଥାନରୁ କୌଣସି ପ୍ରକାରର କ୍ଷୟକ୍ଷତିର ଖବର ନାହିଁ। ଭୂମିକମ୍ପ ଝଟ୍କା ଅନୁଭବ ହେବା ମାତ୍ରେ ଲୋକମାନେ ଘରୁ ବାହାରକୁ ବାହାରି ଆସିଥିଲେ।

# ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର, ୧୮/୮ (ନି.ପ୍ର): ଭିଜିଲାନ୍ସ ଜାଲରେ ଫସିଛନ୍ତି ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା। ତାଙ୍କୁ ଫଶାଇ ଦେଇଛି ତାଙ୍କ ଟଙ୍କା ଲୋଭ। ଖାଲି ଟଙ୍କା ନୁହେଁ ବାବୁଙ୍କର ରହିଛି ଘର ଉପରେ ଘର। ସୁନ୍ଦରଗଡ଼ରେ ତିନି ମହଲା ଘର, ରାଉରକେଲା ଛେଣ୍ଡରେ ଦୁଇ ମହଲା ଘର, ଭୁବନେଶ୍ୱର ଘାଟିକିଆ ଅରୋଭିଲାରେ ଦୁଇଟି ଫ୍ଲାଟ୍। ଏସବୁ ଉପରେ ଏବେ ରେଡ୍ କରିଛି ଭିଜିଲାନ୍ସ। ଖାଲି ସେତିକି ନୁହେଁ ଗଞ୍ଜାମରେ ଥିବା ତାଙ୍କ ପୈତୃକ ଘର, ଗଞ୍ଜାମ ପୁରୁଷୋତ୍ତମପୁର ବେହେରା ସାହିରେ ଥିବା ଶ୍ୱଶୁର ଘର, ଅନୁଗୁଳ ସ୍ଥିତ ସରକାରୀ କ୍ୱାର୍ଟର ଏବଂ ଜଳସେଚନ ଡିଭିଜନ୍ କାର୍ଯ୍ୟାଳୟରେ ଚଢ଼ାଉ ଚାଲିଛି। ଏକକାଳୀନ ୮ଟି ସ୍ଥାନରେ ହୋଇଛି ରେଡ୍। ଏହି ରେଡ୍‌ରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍ଆଇ ଏବଂ ଅନ୍ୟ

▶▶ପୃଷ୍ଠା ୭

# ସୁସ୍ଥ ହେଉଛନ୍ତି ନବୀନ: ଭେଟିବାକୁ ଚାହୁଁଥିଲେ ନବୀନ ନିବାସ ଆସିବାକୁ କଲେ ଆମନ୍ତ୍ରଣ



ଭୁବନେଶ୍ୱର, ୧୮/୮ (ନି.ପ୍ର): ଅସୁସ୍ଥ ହେବା ପରେ ଗତକାଲି ସନ୍ଧ୍ୟାରୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ନବୀନ । ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରୁଛନ୍ତି । ହସ୍ପିଟାଲରେ ଭର୍ତ୍ତି ହେବା ପରେ ନବୀନ ଧୀରେ ଧୀରେ ସୁସ୍ଥ ହେଉଥିବା ହସ୍ପିଟାଲ ପକ୍ଷରୁ କୁହାଯାଉଛି । ମେଡିକାଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଡିହାଇଡ୍ରେସନ ହୋଇଥିଲା । ଚିକିତ୍ସା ପରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି । ଆଉ ଟିକେ ସୁସ୍ଥ ହେବା ପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବ । ତାଙ୍କ ପାଖ ଲୋକଙ୍କ କହିବା ଅନୁସାରେ ଡିହାଇଡ୍ରେସନ ହୋଇଥିଲା । ସେଥିପାଇଁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ନବୀନ ଅସୁସ୍ଥ ହେବା ଖବର ସାମ୍ନାକୁ ଆସିବା ପରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା କେମିତି ଅଛି ଜାଣିବା ପାଇଁ ହସ୍ପିଟାଲରେ ଭିଡ଼ ଜମିଛି। ସବୁ ଦଳର ନେତା ହସ୍ପିଟାଲରେ

▶▶ପୃଷ୍ଠା ୭

# ନବୀନଙ୍କ ସହଯୋଗ ଲୋଡ଼ିଲେ ରାଜନାଥ

ଭୁବନେଶ୍ୱର, ୧୮/୮ (ନି.ପ୍ର): ଜାତୀୟ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଅନୁସାରେ, ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ ଜଣାଇବା ପାଇଁ ପ୍ରମୁଖ ବିରୋଧୀଙ୍କୁ ଫୋନ୍ କରିଛନ୍ତି ରାଜନାଥ ସିଂହ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ସୋନିଆ ଗାନ୍ଧୀଙ୍କଠାରୁ ଆରମ୍ଭ କରି ଡିଏମ୍‌କେ ସୁପ୍ରିମୋ ଏମ୍‌କେ ଷ୍ଟାଲିନ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଫୋନ୍ କରିଛନ୍ତି ରାଜନାଥ । କୁହାଯାଉଛି ସମସ୍ତ ରାଜନୈତିକ ଦଳ ସହ ସୁ-ସମ୍ପର୍କ ଯୋଗୁଁ ରାଜନାଥଙ୍କୁ ଏହି ଦାୟିତ୍ୱ ଦେଇଛି ଦଳ । ବିଶେଷ କରି ସହମତି ଭିତ୍ତିରେ ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳଙ୍କୁ, ରାଜ୍ୟସଭା ଅଧ୍ୟକ୍ଷ ଭାବେ ନିର୍ବାଚିତ କରିବାକୁ ବିଜେପିର ଯୋଜନା ରହିଛି । ନିର୍ବିବାଦୀୟ ଚେହେରା ଭାବେ ସିପି ରାଧାକ୍ରିଷ୍ଣନ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବେ ବୋଲି ଦଳ ଆଶା କରୁଛି ।

▶▶ପୃଷ୍ଠା ୭

# ବ୍ରହ୍ମପୁର ଏମକେସିଜି ମେଡିକାଲରେ ଅଗ୍ନିକାଣ୍ଡ

ଗଞ୍ଜାମ, ୧୮/୮ (ନି.ପ୍ର): ବ୍ରହ୍ମପୁର ଏମକେସିଜି ମେଡିକାଲରେ ଘଟିଛି ଅଗ୍ନିକାଣ୍ଡ । ମେଡିକାଲର ରୋଗ ନିଦାନ କେନ୍ଦ୍ରରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଅଗ୍ନିକାଣ୍ଡ । ଏସି ସର୍ଟସର୍କିଟ୍ ରୁ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି । ମୁଖ୍ୟ ପରୀକ୍ଷାଗାର ସହିତ ବାୟୋକେମିକାଲ ସେକ୍ସନରେ ନିଆଁ ଲାଗିଛି ।

# ରାଜ୍ୟରେ ଖୁବ୍ ଶୀଘ୍ର ନିଯୁକ୍ତି ପାଇବେ ୧୮୪୦ ଡାକ୍ତର

ଭୁବନେଶ୍ୱର, ୧୮/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଷୟରେ ଆଲୋଚନା କରି ରାଜ୍ୟରେ ଖାଲି ପଡିଥିବା ବିଭିନ୍ନ ଡାକ୍ତର ପଦବୀ ଓ ପ୍ରଫେସର ପଦବି ପୂରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଟ୍ରମ୍ପଙ୍କ ସହ ମିଟିଂ ସମ୍ପର୍କରେ ମୋଦିଙ୍କୁ ଜଣାଇଲେ ପୁଟିନ



ନୂଆଦିଲ୍ଲୀ,୧୮/୮ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆଜି ଫୋନ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଛନ୍ତି। ନିକଟରେ ପୁଟିନ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଆଜି ପୁଟିନ ଫୋନ ଯୋଗେ ମୋଦିଙ୍କୁ ଅବଗତ କରାଇଛନ୍ତି। ବୈଠକର ଭିତିରି କଥା ପୁଟିନ ଜଣାଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ନିଜେ ପ୍ରଧାନମନ୍ତ୍ରୀ ମୋଦି ଏବିଷୟରେ ଏକ୍ସ ଯୋଗେ ସମସ୍ତଙ୍କୁ ଜଣାଇଛନ୍ତି। ସେ କହିଛନ୍ତି, "ଫୋନ କଲ ପାଇଁ ମୋ ବନ୍ଧୁ ରାଷ୍ଟ୍ରପତି ପୁଟିନଙ୍କୁ ଧନ୍ୟବାଦ। ଆଲାସ୍କାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ହୋଇଥିବା ବୈଠକର ବିଷୟବସ୍ତୁ ସମ୍ପର୍କରେ ସେ ମୋତେ ଅବଗତ କରାଇଛନ୍ତି। ଭାରତ ନିୟମିତ ଭାବେ ୟୁକ୍ରେନ ବିବାଦରେ ଶାନ୍ତିପୂର୍ଣ୍ଣ ସଂକଳ୍ପ କଥା କହି ଆସୁଛି ଓ ଏ ଦିଗରେ ସବୁ ପ୍ରକାରର ଉଦ୍ୟମକୁ ସମର୍ଥନ କରୁଛି। ଆଗାମୀ ଦିନରେ ମୁଁ ଆମ ଭିତରେ ସମସ୍ତ ଆଦାନ ପ୍ରଦାନର ଆଶା କରୁଛି।" ଅଗଷ୍ଟ ୧୫ରେ ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ଟ୍ରମ୍ପ ଓ ପୁଟିନ ଦୀର୍ଘ ୩ ଘଣ୍ଟା କାଳ ଆଲାସ୍କାରେ ଆଲୋଚନା କରିଥିଲେ। ବୈଠକ ସକାରାତ୍ମକ ରହିଥିଲେ ହେଁ ଯୁଦ୍ଧ ବନ୍ଦ ପାଇଁ ଉଭୟ ନେତା କୌଣସି ପ୍ରକାରର ଘୋଷଣା କରି ନଥିଲେ। ତେବେ ଖୁବଶୀଘ୍ର ୟୁକ୍ରେନ ସହ କଥା ହୋଇ ଟ୍ରମ୍ପ ବଡ଼ ଘୋଷଣା କରିବେ ବୋଲି ସଙ୍କେତ ଦେଇଛନ୍ତି। ଆଜି ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ବୈଠକ ଓଭାଲ ଅଫିସରେ ହେବାର ଅଛି। ସମ୍ଭବତଃ ଏହି ସମୟରେ କୌଣସି ବଡ଼ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି।

# ପାରାଦୀପ ସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୯ ତମ ସ୍ୱାଧିନତା ଦିବସ ପାଳିତ




ପାରାଦୀପ , ୧୮/୦୮ (ନି.ପ୍ର): ପାରାଦୀପ ସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୯ ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି । ଏହି ଉତ୍ସବରେ ଜେଏସଡବ୍ଲ୍ୟୁ ଗ୍ରୁପର ବରିଷ୍ଠ ଅଧିକାରୀ ପ୍ରବୋଧ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପ୍ରଣାମ ଜଣାଇଥିଲେ । ଏଥି ସହିତ ଜେଏସଡବ୍ଲ୍ୟୁ କମ୍ପାନୀର ଆଭିମୁଖ୍ୟ ଓ ଏହାର ଅଭିବୃଦ୍ଧି ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ କମ୍ପାନୀର ସୁରକ୍ଷା ତଥା ଅନ୍ୟାନ୍ୟ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ଓ କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀ ମାନଙ୍କ ପରିବାର ପକ୍ଷରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ସ୍ଥାନୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ ।

# ଅଭିନବ ଢ଼ଙ୍ଗରେ ଅଭିଯୋଗ ଶୁଣାଣୀ

ସୁବର୍ଣ୍ଣପୁର, ୧୮/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଡ଼. ନୃପରାଜ ସାହୁ ଯୋଗଦାନ କଲାପରେ ନୂତନ ଢଙ୍ଗରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲା ସ୍ତରୀୟ ସାପ୍ତାହିକ ଯୁଗ୍ମ ଅଭିଯୋଗ ଶୁଣାଣୀ କୁ ବିକେନ୍ଦ୍ରି କରଣ, ଲୋକାଭିମୁଖୀ ଓ ଜନସାଧାରଣଙ୍କ ନିକଟତର କରିବା ପାଇଁ ପ୍ରୟାସ କରି ପ୍ରତି ପଞ୍ଚାୟତ ସମିତିର ମୁଖ୍ୟାଳୟ ପରିବର୍ତ୍ତେ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ମାନଙ୍କରେ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ତେଣୁ, ଆଗାମୀ ତା ୧୮.୦୮.୨୦୨୫ ରିଖ ଦିନ ହେବାକୁ ଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲା ସ୍ତରୀୟ ବିନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିବର୍ତ୍ତେ ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ମେଘଲା ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ଠାରେ ଅନୁଷ୍ଠିତ କରିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି ।

# ଆଲୁମେଦା ଗ୍ରାମ ପଂଚାୟତରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ କଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୮/୦୮ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଲୁମେଦା ପଂଚାୟତରେ ଏକାଧିକ ଜନକଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ ମାଧମରେ ଜନସାଧାରଣଙ୍କ ପାଇଁ ବିକାଶର ନୂତନ ପଥ ପ୍ରଦର୍ଶନ କରିଛନ୍ତି ବିଧାୟକ ମାନସ କୁମାର ଦତ୍ତ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ପଂଚାୟତ ସମିତି ପକ୍ଷରୁ ମୁଖମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଆଲୁମେଦା ପଂଚାୟତର ଜୁଆରୀ ଗ୍ରାମ ଅନ୍ତର୍ଗତ ୫ନଂ ୱାର୍ଡରେ ୨ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ବାସୁଳୀ ମାତା କମ୍ୟୁନିଟି ସେଂଟର ନିର୍ମାଣ, ୬ନଂ ୱାର୍ଡରେ ୨ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ଶ୍ରୀ ଗଣେଶ କମ୍ୟୁନିଟି ସେଂଟର ନିର୍ମାଣ, ଦାନା ଯୋଜନା ଅନ୍ତର୍ଗତ ଏକ ଲକ୍ଷ ୨୬ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ ଅଟକଳରେ ଜୁଆରୀ ଗ୍ରାମର ରେବତୀ ବାରିକ ଘର ଠାରୁ ବାରିକ ଚକ ପର୍ଯ୍ୟନ୍ତ ପକ୍କା ରାସ୍ତା, ଜୁଆରୀ ଆରଡି ରାସ୍ତା ଠାରୁ ବାସୁଳି ଛକ ପର୍ଯ୍ୟନ୍ତ ପକ୍କା ରାସ୍ତା ଓ ଆଲୁମେଦା ଗ୍ରାମର ଗଙ୍ଗାମଣୀ ମାଝୀଙ୍କ ଘର ଠାରୁ ଶୁକଦେବ ମଣ୍ଡଳଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା, କାଳବୁଧି ଗ୍ରାମର ସନାତନ ବେହେରାଙ୍କ ଘର ଠାରୁ ଦୁଃଶାସନଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା, ଜୁଆରୀ ଗ୍ରାମର ଏସକେଆର ହାଇସ୍କୁଲ ଠାରୁ ଶାନ୍ତନୁ ପଟ୍ଟାୟତଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ଓ ଜୁଆରୀ ଆଦିବାସୀ ସାହି ଠାରୁ ଖାଣ୍ଡିଆ ପଦା ପର୍ଯ୍ୟନ୍ତ ରାସ୍ତା ମରାମତି ଓ ପୁନରୁଦ୍ଧାର, ବିଧାୟକଙ୍କ ହାତ ପାଣ୍ଠିରୁ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଜୁଆରୀ ଘାଟ କମ୍ୟୁନିଟି ସେଂଟର ପୂର୍ଣ୍ଣାଙ୍ଗୀକରଣ, ସ୍ୱତନ୍ତ୍ର ଯୋଜନା ଅନୁଦାନ ଅନ୍ତର୍ଗତ ୪ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଆଲୁମେଦା କାଂଚେଶ୍ୱର ମହାଦେବଙ୍କ ମନ୍ଦିରର ମଣ୍ଡପ ନିର୍ମାଣ, ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅନ୍ତର୍ଗତ ୩ଲକ୍ଷ ଟଙ୍କା ଓ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଆଲୁମେଦା ଫୁଟବ୍ରିଜ୍ ଠାରୁ ଗୁଜିପାହି ପଦା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ, ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅନ୍ତର୍ଗତ ୪ଲକ୍ଷ ୪୪ହଜାର ଟଙ୍କା ଖର୍ଚ୍ଚ ଅଟକଳରେ କାଳବୁଧି ଗ୍ରାମର ସାର୍ଥୀ କଷାଫଳ ରିଜିଓନାଲ ହାଇସ୍କୁଲର ଶ୍ରେଣୀଗୃହ ନିର୍ମାଣ ପ୍ରଭୃତି ପ୍ରକଳ୍ପ ପାଇଁ ବିଧାୟକ ଶ୍ରୀ ଦତ୍ତ ଶିଳାନ୍ୟାସ କରିଛନ୍ତି । ରାଜ୍ୟର ଲୋକପ୍ରିୟ ତଥା ଲୋକଙ୍କ ସରକାର ଲୋକଙ୍କ ହିତ ପାଇଁ ସର୍ବଦା ପ୍ରୟାସରତ ଅଛନ୍ତି ବୋଲି ସେ ଏହି ଅବସରରେ ମତ ଦେଇଛନ୍ତି । ଉତ୍ତମ ଗୁଣବତ୍ତା ଓ ସଠିକ୍ ମାନଦଣ୍ଡରେ ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧରେ ସାରିବାକୁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଅନ୍ୟମାନଙ୍କ ମଧରେ ଲୋକନାଥ ଭୂୟାଁ, କାହ୍ନୁ ଚରଣ ପ୍ରଧାନ, ସଞ୍ଜୟ କୁମାର ମଣ୍ଡଳ, ନିତ୍ୟାନନ୍ଦ ମଲ୍ଲିକ, କିଶୋର ବେହେରା, ଗୌରହରି ଜେନା, କମଳାକାନ୍ତ ଜେନା , ଦୀପକ ବେହେରା, ଭଗିରଥ ପରିଡ଼ା , ମାଳତୀ ମାଝୀ, ଚନ୍ଦ୍ରକାନ୍ତ ବେହେରା, କାର୍ତ୍ତିକ ମଲ୍ଲିକ , ସନାତନ ଦିନ୍ଦା ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କସିପଦା ପଂଚାୟତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ସ୍ଥାନୀୟ ଅଂଚଳବାସୀ ବେଶ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେମାନଙ୍କ ଦୀର୍ଘ ଦିନର ଆଶା ପୂରଣ ହେବ ବୋଲି ଲୋକେ ଆଶା ପ୍ରକାଶ କରିଛନ୍ତି । ନିର୍ବାଚନ ସମୟର ପ୍ରତିଶୃତି ରକ୍ଷା କରିବାକୁ ବିଧାୟକ ମାନସ ଦତ୍ତଙ୍କ ପଦକ୍ଷେପକୁ ଲୋକେ ଭୂୟସୀ ପ୍ରଶଂସା କରିଛନ୍ତି ।

# ପାରାଦୀପ ବନ୍ଦର ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ପାଳିତ



ପାରାଦୀପ , ୧୮/୦୮ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବନ୍ଦର ଅଧକ୍ଷ ପିଏଲ ହରନାଦ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନତାକୁ ଉଦ୍ବୋଧନ ଦେଇ କହିଲେ, ସେ ଭାରତର ସାମୁଦ୍ରିକ ପ୍ରଗତିରେ ପିପିଏର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସ୍ଥାୟୀ ଅଭିବୃଦ୍ଧି, ନବସୃଜନ ଏବଂ କର୍ମଚାରୀ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ।ସେ ସମଗ୍ର ପାରାଦୀପ ବନ୍ଦର ଦଳକୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ କାର୍ଗୋ ପରିଚାଳନାରେ ନମ୍ବର ୱାନ୍ ମାନ୍ୟତା ହାସଲ କରିବା ପାଇଁ ଅଭିନନ୍ଦନ ଜଣାଇଥିଲେ, ଏହା ଏକ ଚ୍ୟାଲେଞ୍ଜିଂ ବଜାରରେ ଦଳର ସ୍ଥିରତା ଏବଂ ରଣନୈତିକ ପ୍ରୟାସକୁ ଶ୍ରେୟ ଦେଇଥିଲା । ସେ ବନ୍ଦର ପାଇଥିବା ଅନେକ ପ୍ରମୁଖ ପ୍ରଶଂସା ଉପରେ ମଧ ଆଲୋକପାତ କରିଥିଲେ, ଯେଉଁଥିରେ ବଲ୍କ କାର୍ଗୋ ପରିଚାଳନା ପାଇଁ ନମ୍ବର ୧ ସାଗର ଆଙ୍କଲାନ୍ ପ୍ରମାଣପତ୍ର ଏବଂ 'ବର୍ଷର ପ୍ରମୁଖ ବନ୍ଦର - ଅଣ-କଣ୍ଟେନରାଇଜଡ୍ କାର୍ଗୋ' ପୁରସ୍କାର ଅନ୍ତର୍ଭୁକ୍ତ । ପାରାଦୀପ ବନ୍ଦର ୨୦୪୭ ସୁଦ୍ଧା ଏହାର କ୍ଷମତା ୫୦୦ ମିଲିୟନ ମେଟ୍ରିକଟନ ବାର୍ଷିକ ବୃଦ୍ଧି ଲକ୍ଷରଖିଛି ଓ ୨୦୩୦ ସୁଦ୍ଧା ବନ୍ଦରକୁ ୧୦୦ ପ୍ରତିଶତ ଯାନ୍ତ୍ରିକରଣ ପାଇଁ ଯୋଜନା ଚାଲୁ ରହିଛି । ବନ୍ଦର ଟାଉନସିପର ପାନୀୟ ଜଳ ଯୋଗାଣକୁ ସୁରକ୍ଷିତ କରିବା ପାଇଁ ୧୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ।

ବନ୍ଦରର ଅଗ୍ରଣୀ ସ୍ଥିତି ବଜାୟ ରଖିବା ଏବଂ ଭାରତର ସାମୁଦ୍ରିକ ସଫଳତାରେ ଯୋଗଦାନ ଦେବା ପାଇଁ ସମସ୍ତଙ୍କୁ ନୂତନ ଉତ୍ସାହ ସହିତ ମିଳିତ ଭାବେ କାମ ଜାରି ରଖିବାକୁ ଆହ୍ୱାନ କରିଥିଲେ ।ଏହା ପରେ, ଶ୍ରୀ ହରଣାଧ ସ୍ଥାନୀୟ ସ୍କୁଲର ଛାତ୍ର ଛାତ୍ରୀଙ୍କ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ୟାରେଡ ବିଜେତା ମାନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ ।

ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଅଫିସର କ୍ଲବ ରେ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା । ଅପରାହ୍ନ ରେ ପାରାଦୀପ ବନ୍ଦର ଦଳ ଓ ଜଗତସିଂହପୁର ଫୁଟବଲ ଏକାଡେମୀ ମଧରେ ଏକ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ବିଜୁ କନଭେନସନ ସେଣ୍ଟର ରେ ସ୍କୁଲ ପିଲା ମାନଙ୍କ ମଧରେ ଆନ୍ତଃ ସ୍କୁଲ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ସମସ୍ତ ବିଜେତାଙ୍କୁ ଅଧକ୍ଷ ଶ୍ରୀ ହରନାଦ ପୁରସ୍କୃତ କରିଥିଲେ ।

# ପ୍ରାଚୀର ଚିତ୍ରକଳା ସୁରକ୍ଷିତ ରଖିବା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

ଗଂଜାମ, ୧୮/୦୮ (ନି.ପ୍ର): ବ୍ରହ୍ମପୁର ମହାନଗର ନିଗମ ଏବଂ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ସହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋରଦାର ଚାଲିଛି । ସହରର ବିଭିନ୍ନ ସରକାରୀ ଏବଂ ନିଗମ ପାଚେରୀରେ ସୁନ୍ଦର ଓ ଆକର୍ଷଣୀୟ ଚିତ୍ରକଳା ତିଆରି କରାଯାଉଛି, ଯେଉଁଥିରେ ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଓ ସାମାଜିକ ବାର୍ତ୍ତା ପ୍ରତିଫଳିତ ହେଉଛି । ବ୍ରହ୍ମପୁରକୁ ଅଧିକ ସୁନ୍ଦର, ସ୍ୱଚ୍ଛ ଓ ଆକର୍ଷଣୀୟ କରିବା ଏହାର ଲକ୍ଷ୍ୟ । ବ୍ରହ୍ମପୁର ସହରର କୌଣସି ସରକାରୀ କିମ୍ବା ନିଗମ ପ୍ରାଚୀରରେ ଜନସାଧାରଣ,ବ୍ୟବସାୟୀ, ସଂସ୍ଥା ଓ ସଂଗଠନମାନେ ପୋଷ୍ଟର, ବିଜ୍ଞାପନ ବା ବିଲ୍ ନ ଲଗାଇବାକୁ ମହାନଗର ନିଗର କମିଶନର ଶ୍ରୀ ପ୍ରଥମେଶ ରାଜେଶିର୍କେ ନିବେଦନ କରିଛନ୍ତି । ଏପରି କାର୍ଯ୍ୟ କେବଳ ଚିତ୍ରକଳାର ସୌନ୍ଦର୍ଯ୍ୟ ନଷ୍ଟ କରେ ନାହିଁ ବରଂ ନିଗମର ସ୍ୱଚ୍ଛତା ନିୟମାବଳୀକୁ ମଧ ଉଲ୍ଲଙ୍ଘନ କରେ ବୋଲି ସେ କହିଛନ୍ତି । 'ଏହି ପ୍ରାଚୀର ଚିତ୍ରକଳା, ଆମ ସହରକୁ ସୁନ୍ଦର କରିବା ଓ ନାଗରିକ ଗୌରବ ବୃଦ୍ଧି କରିବାର ଏକ ପ୍ରୟାସ । ସମସ୍ତଙ୍କୁ ଅନୁରୋଧ, ଏହାକୁ ସମ୍ମାନ ଦେବା ସହ ସହଯୋଗ କରନ୍ତୁ । ଏହା ଦ୍ୱାରା ଏକାସାଥିରେ, ଆମେ ବ୍ରହ୍ମପୁରକୁ ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟର ଏକ ଆଦର୍ଶ ସହର କରିପାରିବା,' ବୋଲି କମିଶନର କହିଛନ୍ତି । ଏଥି ସହ ପୋଷ୍ଟର କିମ୍ବା ବିଲ ଲଗାଇ ପ୍ରାଚୀର କଳାକୁ ନଷ୍ଟ ନ କରିବାକୁ ନିଗମ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଖିଲାପକାରୀଙ୍କ ବିରୋଧରେ ସର୍ବସାଧାରଣ ସମ୍ପତ୍ତିକୁ କ୍ଷତିଗ୍ରସ୍ତ କରିବା ସମ୍ପର୍କିତ ନିଗମ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛନ୍ତି କମିଶନର ।

# ୭ କିଲୋ ଗଞ୍ଜେଇ ସହ ବାଇକ୍ ଜବତ:୨ ଗିରଫ

ମାଲକାନଗିରି, ୧୮/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅନ୍ତର୍ଗତ ଲାକାୟେରୁ ସୋରଲୁକୋଣ୍ଡା ବ୍ୟାରେଜ ପାଖରେ ୨ଜଣ ବ୍ୟକ୍ତି ଏକ ବାଇକ୍ ଯୋଗେ ୭କିଲୋ ଗଞ୍ଜେଇ ନେଇ ଯାଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି । ତେବେ ଏହି ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ ଏମ୍ଭି - ୨୫ ଗ୍ରାମର ରାଖାଲ ବାଲା (୪୫), ଜାଉଟିପାଲ୍ଲୀ ଗ୍ରାମର ଭୀମା ପଡିୟାମି(୫୦) ।

ପୋଲିସ ସୂଚନା ଅନୁଯାୟୀ, ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବ୍ୟାରେଜ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ବାଇକ୍‌ରେ ୨ଜଣ ବ୍ୟକ୍ତି ଏକ ଜରି ବ୍ୟାଗରେ କିଛି ସାମଗ୍ରୀ ନେଇ ଦ୍ରୁତଗତିରେ ଯାଉଥିବା ଦେଖି ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା । ସେମାନଙ୍କ ପାଖରେ ଥିବା ବ୍ୟାଗରେ ପ୍ରାୟ ୭ କିଲୋ ଗଞ୍ଜେଇ ଥିବା ପୋଲିସ ଦେଖିବାକୁ ପାଇଥିଲା ।

# ବିଏସ୍‌ପି ପକ୍ଷରୁ ସମ୍ବିଧାନ ପାଠଶାଳା ଆୟୋଜିତ




ବାଲେଶ୍ୱର, ୧୮/୦୮ (ନି.ପ୍ର): ବହୁଜନ ସମାଜପାର୍ଟି ପକ୍ଷରୁ ଗତ ୧୫ ତାରିଖ ସନ୍ଧ୍ୟା ୬ଟାରେ ଆମ୍ବେଦକର ଭବନଠାରେ ବରିଷ୍ଠ ସମାଜସେବୀ ପ୍ରଫୁଲ୍ଲ ଜେନାଙ୍କ ଦ୍ୱାରା ଆୟୋଜିତ 'ସମ୍ବିଧାନ ପାଠଶାଳା' କାର୍ଯ୍ୟକ୍ରମକୁ ବିଏସ୍‌ପି ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ ଉଦ୍‌ଘାଟନ କରିଥିଲେ । ଏଥିରେ ପାର୍ଟିର ବହୁ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଯୁବକ ଓ ଆମ୍ବେଦକରବାଦୀ ଯୋଗ ଦେଇଥିଲେ । ଉପସ୍ଥିତ ବୁଦ୍ଧିଜୀବୀ ସମ୍ବିଧାନ ଉପରେ ବିଶଦ ଭାବରେ ଆଲୋଚନା କରି ନିମ୍ନଲିଖିତ ମନ୍ତବ୍ୟମାନ ରଖିଥିଲେ । ଭାରତୀୟ ସମ୍ବିଧାନର ରଚୟିତା ବା ପ୍ରଣେତା, ସାମାଜିକ ନ୍ୟାୟର ଅଗ୍ରଦୂତ ବାବାସାହେବ ଡ. ବି.ଆର. ଆମ୍ବେଦକର ବହୁ କଷ୍ଟ ସ୍ୱୀକାର କରି ଅନେକ ଘାତ ପ୍ରତିଘାତ ଭିତରେ ଆମକୁ ସମ୍ବିଧାନ ଦେଇଗଲେ ଫଳରେ ଭାରତ ଆଜି ବିଶ୍ୱରେ ଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ରରୂପେ ପରିଗଣିତ ହୋଇଛି । ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା କହିଛନ୍ତି, "ଦେଶର ପ୍ରତି ନାଗରିକ ସମ୍ବିଧାନ ଜାଣିବା ଜରୁରୀ, ନ ଜାଣିଲେ ବିକାଶ ଅସମ୍ଭବ ।" ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, "ସମ୍ବିଧାନ ନ୍ୟାୟପାଳିକାକୁ ଯେଉଁ କ୍ଷମତା ପ୍ରଦାନ କରିଛି ତାହା ନାଗରିକଙ୍କ ଅଧିକାର ସୁରକ୍ଷାଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ ।" ଭାରତୀୟ ସମ୍ବିଧାନ ଦେଶକୁ ଆଗେଇନେବାର ଏକ ପ୍ରଗତିଶୀଳ ନିୟାମକ ଗ୍ରନ୍ଥ ଯାହା ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରିଛି । ତେଣୁ ପ୍ରତ୍ୟେକଙ୍କ ଘରେ ପ୍ରତ୍ୟେହ ସମ୍ବିଧାନ ପଠନ ହେବା ଉଚିତ । ଭାରତ ସ୍ୱାଧୀନତା ଲାଭ କରିବା ପୂର୍ବରୁ 'ମନୁସ୍ମୃତି ବା ମନୁ ସଂହିତା' ଅନୁସାରେ ଦେଶ ଶାସିତ ହେଉଥିଲା, ସ୍ୱାଧୀନତା ଲାଭ କରିବା ଠାରୁ 'ସମ୍ବିଧାନ' ଅନୁସାରେ ଦେଶ ଶାସିତ ହେଉଛି । ଡ. ଆମ୍ବେଦକର କହିଛନ୍ତି, "ଗୋଟିଏ ସମ୍ବିଧାନ ସେତେବେଳେ ଦେଶର ଲୋକଙ୍କ ଭଲ ପାଇଁ କାର୍ଯ୍ୟ କରିପାରିବ, ଯେତେବେଳେ ଏହାକୁ କାର୍ଯ୍ୟକାରୀ କରିବା ଲୋକର ମାନସିକତା ଯଦି ଭଲ ଥିବ । ଆଉ ଗୋଟିଏ ସମ୍ବିଧାନ ସେତେବେଳେ ଦେଶର ଲୋକଙ୍କ ଭଲପାଇଁ କାମ କରିପାରିବ ନାହିଁ ଯେତେବେଳେ ଏହାକୁ କାର୍ଯ୍ୟକାରୀ କରିବା ଲୋକର ମାନସିକତା ଯଦି ମନ୍ଦ ଥିବ ।" ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ବିଏସ୍‌ପିର ପୂର୍ବତନ ଜିଲ୍ଲା ସଭାପତି ସମ୍ମାନୀୟ ଉତ୍ସବ ଜେନା । ଭୋଗରାଇ ନିର୍ବାଚନ ମଣ୍ଡଳୀର ଜନଦରଦୀ ନେତା ବିଏସ୍‌ପିର ସୁବୋଧ ମାଝୀ, ଅଗ୍ନିବର୍ଷୀ ନେତ୍ରୀ ନିରୁପମା ପାତ୍ର, ରେମୁଣା ନିର୍ବାଚନ ମଣ୍ଡଳୀ ବିଏସ୍‌ପିର ପୂର୍ବତନ ବିଧାୟକ ପ୍ରାର୍ଥୀ ଆଡ଼ଭୋକେଟ୍ ସଂଗ୍ରାମ କିଶୋର ମାଝୀ, ଶ୍ରୀଜଙ୍ଗର ସ୍ୱାଧୀନତା ସଂଗ୍ରାମୀ ୰ ଭିକାରୀ ମଲିକଙ୍କ ନାତି ସମାଜସେବୀ ଲକ୍ଷ୍ମୀଧର ମଲିକ୍, ବିଏସ୍‌ପି ଜିଲ୍ଲା ସଚିବ ଆଡ଼ଭୋକେଟ୍ ସୌଭାଗ୍ୟ ମଲ୍ଲିକ୍, ନେତ୍ରୀ ମିନତୀ ଜେନା, ଗଗନ ପାତ୍ର, ପ୍ରହଲ୍ଲାଦ ଦାସ, କୈଳାସ ଦାସ, ଉପେନ୍ଦ୍ର ଦାସ, ଭୋଳାନାଥ ବେହେରା, ରମାକାନ୍ତ ମାଝୀ, ରାଜେଶ ମାଝୀ, ସରୋଜ ବେହେରା, ଜୟନ୍ତୀ ବେହେରା, ଦିଲ୍ଲୀପ ମାଝୀ, ଅଜୟ ଦାସ, ମମତା ମାରାଣ୍ଡି, ଅନନ୍ତ ମଣ୍ଡଳ, ଅଭିମନ୍ୟୁ ଦାସ, ବିହାରୀଲାଲ୍ ମାଝୀ, ବ୍ରଜମୋହନ ମାଝୀ, ଆଲୋକ ଦାସ, ଗୋବିନ୍ଦ ବେହେରା, ଯୋଗେନ୍ଦ୍ର ଦାସ ଅନ୍ୟତମ । ଶେଷରେ ଆଦରଣୀୟ ନେତ୍ରୀ ଆରତୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ସ୍ୱାଗତ ଗେଷ୍ଟ ହାଉସରେ ସିପିଏଲ ନିଲାମି ଅନୁଷ୍ଠିତ

ଚମ୍ପୁଆ, ୧୮/୦୮ (ନି.ପ୍ର): ଚମ୍ପୁଆ ସ୍ୱାଗତ ଗେଷ୍ଟ ହାଉସଠାରେ ଚତୁର୍ଥ ପ୍ରିମିୟର ଲିଗ (ସିପିଏଲ) ନିଲାମି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଜେପି ଏନଏସି ସଭାପତି ସନ୍ତୋଷ ସାହୁ, ସିପିଏଲ ସଭାପତି ଅରୁଣ ପତି, ସମ୍ପାଦକ ପବିତ୍ର କୁମାର ନାୟକ, ସାମ୍ବାଦିକ ପ୍ରଦୀପ ପ୍ରଧାନ, ମହେଶ୍ୱର ଦାସ, ଆବିଦ ଆନସାରୀ, ମାନବ ଅଧିକାର କର୍ମୀ ଏମଡି ମୁସତାକ, ଏମଡି ହାବ, ଏମଡି ବାବୁ, ସର୍ଫରାଜ ଆଲାମ, ଏମଡି ଜସିମ ଆଖତାର, ସଦାମ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଆଠଟି ଦଳ ଅଂଶ ଗ୍ରହଣ କରୁଥିଲାବେଳେ ପ୍ରତି ଦଳରେ ପନ୍ଦର ଜଣ ଲେଖାଏଁ ଖେଳାଳି ଏପରି ୧୨୦ ଖେଳାଳିଙ୍କୁ ଏଥିରେ ନିଲାମିରେ ନିଆଯିବାକୁ ସ୍ଥିର କରାଯାଇଥିଲା । ଏଥିରେ ପ୍ରାୟ ୧୫୦ ଜଣ ଖେଳାଳି ପଞ୍ଜିକରଣ କରିଥିଲେ । ସ୍ଥାନୀୟ ଖେଳାଳି ଏବଂ ଜିଲ୍ଲା ବାହାର ଓ ପ୍ରଦେଶ ସ୍ତରର ଖେଳାଳିଙ୍କୁ ନିର୍ଦ୍ଧାରିତ ଦରରେ ଟିମ ନିଲାମ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଏଥିରେ ମାଲିକ ସାୟାନ ଏକାଦଶର ସଦାମ, ମାରୁତି ଏକାଦଶର କାଳିଚରଣ, ଅମାନତ ଏକାଦଶର ଏମଡି ମୁସତାକ, ଏକେଏଫ କ୍ଲବର ସନୁ, ଏସଏଫସି ଜୟନ୍ତିଗଡ ଏକାଦଶର ସନୁ, ଏସଏଫସି ୱାରିୟର ଏକାଦଶ ସୌରଭ, କେଏଚ ଫ୍ରୁଟ୍ ଏକାଦଶ ଖଲିଦ, ଆରୁଷ ଏଣ୍ଡ ବିନ୍ଦାସ ଏକାଦଶର ଆମଜାଦ ଏଣ୍ଡ ସାହାବାଜ ପ୍ରମୁଖ ଏହି ଆଠଟି ଟିମ ଏଥିରେ ଅଂଶ ଗ୍ରହଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଏମଡି ଫାଇମ ଖାନ, ତଜମିଲ ଆଲାମ, ଜାକି ଅହମ୍ମଦ, ହାମରାଜ, ତକମିଲ ଆଲାମ, ବୁଲବୁଲ ଭାଇ, ଏମଡି ଆମିର, ଏମଡି ଜବ୍ବର ପ୍ରମୁଖ ପରିଚାଳନାରେ ସହଯୋଗୀତା କରିଥିଲେ । ଉକ୍ତ କ୍ରିଡ଼ା ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ନେଇ ସଭାପତି ଅରୁଣ ପତି ସୂଚନା ଦେଇଛନ୍ତି ।

# କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, ୧୮/୦୮ (ନି.ପ୍ର): ରାଜ୍ୟର ସମସ୍ତ ବିଭାଗର କର୍ମଚାରୀ ନିୟମିତ ଥିବାବେଳେ କେବଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ମାନେ ହିଁ ଯୋଜନାଭିତ୍ତିକ ଭଳି ଗୋଟିଏ କଳୁଷିତ ପ୍ରଥାରେ ସଢୁଛନ୍ତି । ଯାହାକୁ କି ଚଳିତ ସରକାରଙ୍କ ଦ୍ୱାରା ଗଠିତ କମିଟିରେ ଥିବା ଅଧିକାରୀ ହୃଦୟଙ୍ଗମ କରିବା ସହ ଏକ ଐତିହାସିକ ପରିବର୍ତ୍ତନ ଆଣିବା ନିମନ୍ତେ ବିଧାନସଭା କମିଟି ଗତ ତା ୦୨.୦୮.୨୦୨୫ ରିଖ ଦିନ ଚିଠା ନଂ – ୨୧୨୬୮ ରେ କନିଷ୍ଠ ଶିକ୍ଷକ / ଶିକ୍ଷୟତ୍ରୀ (ଯୋଜନାଭିତ୍ତିକ) ମାନଙ୍କୁ ନିୟମିତ କରିବା, ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଜରିଆରେ ନିଯୁକ୍ତି ଦେବା ତଥା ୪୪,୦୦୦ ନୂତନ ଶିକ୍ଷକ/ଶିକ୍ଷୟିତ୍ରୀ ପଦବୀ ସୃଷ୍ଟି କରିବା ସହ ପୁରୁଣା ଶିକ୍ଷକ ମାନଙ୍କର ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରୀ ସମୟ ଅବଧି ଭିତରେ ଗଣନା କରିବା ନିମନ୍ତେ ସୁପାରିଶ କରିଥିଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଅନୁମୋଦନ କ୍ରମେ ଗଣଶିକ୍ଷା ବିଭାଗଙ୍କ ଦ୍ୱାରା ଏହି ବିଜ୍ଞପ୍ତି ଜାରି କରାଯାଇଥିଲା । ସରକାରଙ୍କ ଏଭଳି ପଦକ୍ଷେପ ଶିକ୍ଷକ ମହଲରେ ନୂତନ ଆଶା ସଂଚାର କରିଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରୀତାପର ବିଷୟ ଏହି ଯେ, ଗତ ତା ୦୭.୦୮.୨୦୨୫ ରିଖ ଦିନ ଚିଠା ନଂ – ୨୧୯୦୯ ଆଧାରରେ ବିଭାଗ ଏହି ଚିଠାକୁ ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇନାହିଁ ଦର୍ଶାଇ ପ୍ରତ୍ୟାହାର କରିନେଇଛନ୍ତି । ଯାହାକି କନିଷ୍ଠ ଶିକ୍ଷକ/ଶିକ୍ଷୟତ୍ରୀଙ୍କର ସାମ୍ବିଧାନିକ ତଥା ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ସହ ସାମ୍ପ୍ରତିକ ସମୟରେ ମଧ ଗୋଡିପ୍ରଥା ଯୁକ୍ତ ସାମନ୍ତବାଦୀ ଚିନ୍ତାଧାରା ଉଦ୍ଜୀବିତ ରହିଥିବା ଅନୁମେୟ ହେଉଛି ।

# ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ ଓ ପଶୁ ସମ୍ପଦଙ୍କ ପାରମ୍ପରିକ ଉପଚାର କର୍ମଶାଳାରେ ଯୋଗଦାନ

କନ୍ଧମାଳ, ୧୮/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ରେ ଆତ୍ମା, କନ୍ଧମାଳ ର ସହଯୋଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ପରିଚାଳନା କରାଯାଉଥିବା ଶ୍ରୀଅନ୍ନ ଅଭିଯାନ ଓ ସ୍ୱତନ୍ତ୍ର ମିଶ୍ରିତ କୃଷି କାର୍ଯ୍ୟକ୍ରମ କୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଚିତରଞ୍ଜନ ଶତପଥି ଦ୍ୱାରା କ୍ଷେତ୍ର ପରିଦର୍ଶନ ଓ ସମିକ୍ଷା କରାଯାଇଥିଲା । କ୍ଷେତ୍ର ପରିଦର୍ଶନ ସମୟରେ ମାଣ୍ଡିଆ ଚାଷ କିପରି ଅଧିକ ଉତ୍ପାଦନ ଓ ଚାଷୀମାନଙ୍କୁ ଭଲ ରୋଜଗାର ହୋଇପାରିବ, ସେହିଦିଗରେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ମାଣ୍ଡିଆ ଉତ୍ପାଦନ କରୁଥିବା ଅଗ୍ରଣୀ ଚାଷୀମାନଙ୍କୁ ଚାଷର ସରଳ ପ୍ରଣାଳି ଯଥା ଠିକ ସମୟରେ ଉଇଡର ବିଲରେ ଚଳାଇ କିପରି ଅଧିକରୁ ଅଧିକ ପିଲ ସୃଷ୍ଟି କରିବା କହିଥିଲେ । ଏହା ସହିତ ସ୍ୱତନ୍ତ୍ର ମିଶ୍ରିତ କୃଷି ଯୋଜନାରେ ସୁଗଡବାଡି ପଂଚାୟତ ରେ ଦେଶୀ କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର ବୁଲିଦେଖିଥିଲେ ଓ ଟ୍ରେଲିସ ଉପାୟରେ କିପରି ଚାଷିମାନେ ଲଟାଜାତୀୟ ପରିବା ଚାଷ ଜହ୍ନି, କଲରା, ବିନ୍ସ ଆଦି ଫସଲ ସହିତ ଅନ୍ତ ଚାଷ କରି ନିଜର ରୋଜଗାର ବଢାଇଛନ୍ତି, ତା ମାଧମରେ ନିଜର ପିଲାଙ୍କୁ ଉତମ ଶିକ୍ଷା ଓ ଘରରର ଆର୍ଥିକ ସ୍ୱଛଳ କରିଛନ୍ତି ହିତାଧିକାରୀ ଙ୍କ ପାଖରୁ ଶୁଣି ନିଜର ଖୁସିବ୍ୟକ୍ତ କରିଥିଲେ । ଏହାପରେ ସ୍ୱାତୀ, ପ୍ରଦାନ ଓ ଏନ୍.ସି.ଏନ୍.ଫ. ମିଳିତ ଉଦ୍ୟମରେ ଦେଶୀ ବା ପାରମ୍ପରିକ ଉପଚାର ମାଧମରେ ପସୁ ସମ୍ପଦ (ଛେଳି ଓ କୁକୁଡା) ଯତ୍ନ କର୍ମଶାଳା ରେ ଯୋଗଦେଇ, ଦେଶୀୟ ଚିକିତ୍ସା ର ଉପକାରିତା ବିଷୟରେ ଉପସ୍ଥିତ ଥିବା ଅଗ୍ରଣୀ ଛେଳି ଓ କୁକୁଡା ଚାଷୀମାନଙ୍କୁ ନିଜର ଅନୁଭୂତି କହିଥିଲେ ।

# ସତରେ କ'ଣ ସାବୁନରେ ଧୋଇଲେ ମରିଯାଏ ରେବିଜ ଭାଇରସ ? : ଜାଣନ୍ତୁ ଭାଇରୋଲୋଜିଷ୍ଟଙ୍କ ମତ



ରେବିଜ ଏକ ମାରାତ୍ମକ ଭାଇରସ ଯାହା କୁକୁର, ବିଲେଇ, ବାଦୁଡ଼ି କିମ୍ବା ଶିଆଳ କାମୁଡ଼ି ମଣିଷକୁ ବ୍ୟାପିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡଔଡ଼) ଅନୁଯାୟୀ, ସାରା ବିଶ୍ୱରେ କୁକୁର କାମୁଡ଼ିବା ଯୋଗୁ ୯୯% ମାମଲାରେ ରେବିଜ ସଂକ୍ରମଣ ହୁଏ । ରେବିଜ ଏକ ମାରାତ୍ମକ ଭାଇରସ ଏବଂ ଏହା ସ୍ନାୟୁତନ୍ତ୍ରକୁ ଆକ୍ରମଣ କରେ । ରେବିଜର ଲକ୍ଷଣ ଦେଖାଯିବା ପରେ, ବ୍ୟକ୍ତି ମୃତ୍ୟୁବରଣ କରେ ଏବଂ ଏହାର କୌଣସି ପ୍ରତିକାର ନାହିଁ । ଆଜିକାଲି ସୋସିଆଲ ମିଡିଆରେ କେତେକ ଲୋକ ଦାବି କରୁଛନ୍ତି ଯେ ରେବିଜ ଭାଇରସ ମୃଦୁ ଏବଂ କୁକୁର କାମୁଡ଼ିବା ପରେ ଯଦି ପ୍ରଭାବିତ ଅଂଶକୁ ସାବୁନ ଏବଂ ପାଣିରେ ଧୋଇ ଦିଆଯାଏ, ତେବେ ଏହି ଭାଇରସ ଦୂର ହୋଇପାରିବ । ତଥାପି, ବିଶେଷଜ୍ଞମାନେ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରନ୍ତି । ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ସେଣ୍ଟର ଫ ? ବାୟୋମେଡିକାଲ ରିସର୍ଚ୍ଚର ନିର୍ଦ୍ଦେଶକ ଏବଂ ବରିଷ୍ଠ ଭାଇରୋଲୋଜିଷ୍ଟ ଡକ୍ଟର ସୁନୀତ କେ ସିଂହ କହିଛନ୍ତି ଯେ ଯେତେବେଳେ କୁକୁର ଜଣେ ବ୍ୟକ୍ତିଙ୍କୁ କାମୁଡ଼େ, ରକ୍ତ ବାହାରକୁ ଆସେ ଏବଂ କୁକୁରର ଲାଳରେ ଥିବା ରେବିଜ ଭାଇରସ ରକ୍ତ ମାଧ୍ୟମରେ ଶରୀରକୁ ପହଞ୍ଚେ । ଏହି ଭାଇରସ ସ୍ନାୟୁ ମାଧ୍ୟମରେ ମସ୍ତିଷ୍କରେ ପହଞ୍ଚେ । କେତେକ ସମୟରେ ଏହି ଭାଇରସ ମସ୍ତିଷ୍କରେ ୧୦ ବର୍ଷ ପର୍ଯ୍ୟନ୍ତ ରହିଥାଏ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇ ୧୧ ବର୍ଷରେ ହଠାତ ସକ୍ରିୟ ହୋଇଯାଏ । ଏହା ଲୋକଙ୍କ ମୃତ୍ୟୁର କାରଣ ହୁଏ । ଯଦି କୁକୁର ନ୍ୟୁରୋମସ୍କୁଲାର ଜଙ୍କସନରେ କାମୁଡ଼େ, ତେବେ ଏହି ଭାଇରସ ମସ୍ତିଷ୍କକୁ ସଂକ୍ରମିତ ହୁଏ । ଶରୀରରେ ଯେଉଁ ସ୍ଥାନରୁ ସ୍ନାୟୁଗୁଡ଼ିକ ମାଂସପେଶୀ ସହିତ ଜଡିତ ହୁଏ ତାହାକୁ ନ୍ୟୁରୋମସ୍କୁଲାର ଜଙ୍କସନ କୁହାଯାଏ । ଏହା ମାଧ୍ୟମରେ ରେବିଜ ମଧ୍ୟ ମସ୍ତିଷ୍କରେ ପହଞ୍ଚିଥାଏ । ଡକ୍ଟର ସୁନୀତ ସିଂହ କହିଛନ୍ତି ଯେ କୁକୁର କାମୁଡ଼ିବା ପରେ ଲୋକମାନେ ପ୍ରାୟତଃ ସାବୁନ ଏବଂ ପାଣିରେ କ୍ଷତକୁ ଧୋଇ ଦିଅନ୍ତି । ଏହା ଏକ ସତର୍କତାମୂଳକ ପଦକ୍ଷେପ ଏବଂ ଏଥିରେ କିଛି ଭୁଲ ନାହିଁ । ତଥାପି, ସାବୁନରେ ଧୋଇବା ପରେ ମଧ୍ୟ, ରେବିଜ ଭାଇରସ ଦୂର ହୁଏ ନାହିଁ ଏବଂ ଲୋକଙ୍କୁ ଯଥାଶୀଘ୍ର ଆଣ୍ଟି-ରେବିଜ ଟିକା ନେବା ଉଚିତ । ଲ୍ୟାବରେ ପରୀକ୍ଷା ସମୟରେ ସାବୁନ ରେବିଜ ଭାଇରସର ଆବରଣକୁ ନଷ୍ଟ କରିପାରେ, କିନ୍ତୁ କୁକୁର କାମୁଡ଼ିବାର ଅବସ୍ଥା ପ୍ରୟୋଗଶାଳାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେହି ଅବସ୍ଥାରେ ଆପଣ ଯେତେ ସାବୁନରେ ଧୋଇଲେ ମଧ୍ୟ, ରେବିଜ ଭାଇରସ ଦୂର ହୁଏ ନାହିଁ । ଯଦି ଏକ ପାଗଳ କୁକୁର କାମୁଡ଼େ, ତେବେ ଏହି ଅବସ୍ଥାରେ କିଛି ଘଣ୍ଟା ମଧ୍ୟରେ ଆଣ୍ଟି-ରେବିଜ ଟିକା ଦେବା ଉଚିତ । କୁକୁର କାମୁଡ଼ିବା ପରେ କ୍ଷତକୁ ସାବୁନରେ ଧୋଇବା ଦ୍ୱାରା ରେବିଜ ବିପଦ କମିଯାଏ ନାହିଁ । ଏଥିରୁ ରକ୍ଷା ପାଇବାର କେବଳ ଗୋଟିଏ ଉପାୟ ଅଛି, ଯଥାଶୀଘ୍ର ଆପଣ ଆଣ୍ଟି-ରେବିଜ ଟିକା ନିଅନ୍ତୁ ।

ଭାଇରୋଲୋଜିଷ୍ଟଙ୍କ ମତରେ, ଲୋକଙ୍କୁ କୁକୁର କାମୁଡ଼ା ବିଷୟରେ ଆଦୌ ଅସାବଧାନ ହେବା ଉଚିତ ନୁହେଁ । କୁକୁରର ଲାଳରେ ରେବିଜ ଭାଇରସ ରହିଥାଏ ଏବଂ କୁକୁର କାମୁଡ଼ା ଯୋଗୁ ଏହି ଭାଇରସ ସିଧାସଳଖ ଶରୀରରେ ପହଞ୍ଚିଥାଏ । ଏହି ଅବସ୍ଥାରେ କେବଳ ଆଣ୍ଟି-ରେବିଜ ଟିକା ଉପଯୋଗୀ । ଲୋକମାନେ ସୋସିଆଲ ମିଡିଆରେ ପ୍ରଚଳିତ ଗୁଜବରୁ ଦୂରେଇ ରହିବା ଉଚିତ ଏବଂ ରେବିଜକୁ ଆଦୌ ହାଲୁକା ଭାବରେ ନେବା ଉଚିତ ନୁହେଁ । ଏହା ପ୍ରତି ଅସାବଧାନ ହେବା ଲୋକଙ୍କ ପାଇଁ ଘାତକ ହୋଇପାରେ । କୁକୁର କାମୁଡ଼ା ପରେ, ଲୋକମାନେ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ଡାକ୍ତରଙ୍କୁ ଭେଟି ଆଣ୍ଟି-ରେବିଜ ଟିକା ନେବା ଉଚିତ । ଏହି ଟିକାର ଅନେକ ଡୋଜ ଅଛି, ଯାହା ସଠିକ ବ୍ୟବଧାନରେ ନେବା ଉଚିତ ।

## ସ୍ୱାସ୍ଥ୍ୟ ସମସ୍ୟା ଦୂରକାରୀ ସର୍ବାଙ୍ଗସନ

**କିପରି କରିବେ:**

- ଆସନ ଉପରେ ଦୁଇ ଗୋଡ଼କୁ ଯୋଡ଼ି ସିଧା ଶୋଇ ରୁହନ୍ତୁ ।
- ଦୁଇ ଗୋଡ଼କୁ ୯୦ ଡିଗ୍ରୀ ଉଚ୍ଚତାରେ ଧୀରେ ଧୀରେ ଉଠାନ୍ତୁ । ଏହି ସମୟରେ ଦୁଇ ହାତର ପାପୁଲି ଭୂଇଁକୁ ଲଗାଇ ରଖିବେ ।
- ଏହା ପରେ ଦୁଇ ହାତ ସାହାଯ୍ୟରେ ଅଣ୍ଟାର ଦୁଇ ପାଖକୁ ଉପରକୁ ଉଠାନ୍ତୁ । ଏପରି ଉଠାଇବେ ଗୋଡ଼ ଦୁଇଟି ଯେପରି ସିଧା ଓ ସ୍ଥିର ରୁହେ ।
- ଦୁଇ ଆଖିର ନଜର ପାଦର ବୁଢ଼ା ଆଙ୍ଗୁଠିରେ ରଖିବେ । ଏହି ଆସନରେ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ରୁହନ୍ତୁ ।
- କିଛି ସମୟ ପରେ ପ୍ରଥମେ ଧୀରେ ଆଗ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ଭାଙ୍ଗି ତଳକୁ ଖସାନ୍ତୁ ଓ ପରେ ପୁରା ଶରୀରକୁ ଖସାଇ ପୂର୍ବ ପରି ସିଧା ଶୋଇ ରୁହନ୍ତୁ । ଏହି ଆସନ କଲେ ଭଲ ଶ୍ୱାସକ୍ରିୟା, ହଜମ ଏବଂ ରକ୍ତ ସଞ୍ଚାଳନ ଉତ୍ତମ ରୂପେହୁଏ ।
- ଥାଇରଏଡ୍ ସମସ୍ୟା ଦୂର ହୁଏ ।
- କେଶ ଝଡ଼ିବା ଓ ଅସମୟରେ କେଶ ଧଳା ହେବା ସମସ୍ୟାରେ ନିୟନ୍ତ୍ରଣ ଆଣେ ।
- ପ୍ରତିଦିନ ଅଭ୍ୟାସ ଦ୍ୱାରା ଶରୀରର ଓଜନ ଅଧିକ କିମ୍ବା କମ୍ ଥିଲେ ଏଥିରେ ନିୟନ୍ତ୍ରଣ ଆଣେ ଏବଂ ଦୃଷ୍ଟି ଶକ୍ତି ବଢ଼ାଏ ।



ସର୍ବାଙ୍ଗସନ ଏପରି ଗୋଟିଏ ଆସନ ଯାହର ବହୁ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି । ଏହି ଆସନରେ ପୂରା ଶରୀର କାର୍ଯ୍ୟକ୍ଷମ ହୋଇଯାଏ ।




ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା । ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ । ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ । ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ଭାବରେ କରିପାରେ ନାହିଁ । ନିଦ କମିଯାଏ । ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ । କାରଣ ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ୍ୟ କହିଥାଏ । ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ । ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ । ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ । ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା,

ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ । ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ । ଏହା ଜିନ୍ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ । ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ । ଏକ ସର୍ଭେରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ ।




ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ବୃକ୍ଷଲତା ଓ ସମସ୍ତ ପ୍ରାଣୀଜଗତ ଜଳ ବିନା ବଞ୍ଚିରହିବା ଅସମ୍ଭବ । ଜଳ ହିଁ ଜୀବନ । ବୃକ୍ଷଲତା ଆଦି ପାଇଁ ଜଳର ପ୍ରକାରଭେଦ ଅଧିକ ଜରୁରୀ ନ ଥିବା ବେଳେ, ମନୁଷ୍ୟ ପାଇଁ ପାନୀୟ ଜଳ ନିମନ୍ତେ ସ୍ୱଚ୍ଛ ଓ ପରିଷ୍କାର ତଥା ଜୀବାଣୁ ଭୂତାଣୁବିହୀନ ଜଳ ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ଆମେ ସୁସ୍ଥ, ନିରୋଗ ତଥା ଦୀର୍ଘାୟୁ ହୋଇପାରିବା । ସାଧାରଣତଃ ବର୍ଷା ଋତୁରେ ସ୍ୱଚ୍ଛ ପରିଷ୍କାର ପାନୀୟ ଜଳ ନିମନ୍ତେ ଅଧିକ ସତର୍କ ରହିବା ଆବଶ୍ୟକ । ବିଶେଷଭାବରେ ନଦୀ, ନାଳ, କୂପ, ଜଳାଶୟ ଆଦିର ଜଳ ଦୂଷିତ ହୋଇଥାଏ । ତେଣୁ ଜଳକୁ ଭଲଭାବେ ଫୁଟାଇ ଛାଣି ପାନୀୟଜଳ ଭାବେ ବ୍ୟବହାର କରିବା ଜରୁରୀ । ପୂର୍ବ ସମୟ ଅପେକ୍ଷା ବର୍ତ୍ତମାନ ସ୍ଥିତି ବଦଳିଯାଇଛି । ବନ୍ୟା ବାତ୍ୟା ଆଦିର ପୂର୍ବ ସୂଚନା ବିଭିନ୍ନ ପତ୍ରପତ୍ରିକା ବୈଦ୍ୟୁତିକ ଗଣମାଧ୍ୟମରୁ ମିଳିଯାଉଛି । ଯାହାଫଳରେ ୪ରୁ ୫ଦିନ ପର୍ଯ୍ୟନ୍ତ ପାନୀୟ ଜଳ ସୁରକ୍ଷିତ ଭାବେ ରଖି ବ୍ୟବହାର କରାଯାଇପାରୁଛି । ବନ୍ୟା ବାତ୍ୟାର ପରବର୍ତ୍ତୀ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ସମୟରେ ସବୁ ଜଳାଶୟର ଜଳ ଦୂଷିତ ହୋଇଥାଏ । ତେଣୁ ଆମେ ଅତି କମ୍ରେ ୪ରୁ ୫ ଦିନ ପାଇଁ ପରିଷ୍କାର ଜଳ ସୁରକ୍ଷିତ ରଖି ଏହାକୁ ପାନୀୟ ଭାବେ ବ୍ୟବହାର କରିପାରିବା, ଯାହାଦ୍ୱାରା ଡାଇରିଆ,

ଟାଇଫଏଡ୍ ଆଦି ବିଭିନ୍ନ ସଂକ୍ରମଣଜନିତ ରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଆମେ ନିଜକୁ ରକ୍ଷା କରିପାରିବା । ଆଗ କାଳରେ ଆମର ପୂର୍ବ ପିଢ଼ିର ବୟସ୍କ ବ୍ୟକ୍ତିମାନେ ସକାଳୁ ଉଠି ବାସିପାଣି ପିଉଥିଲେ । କାରଣ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ଭଲ । ତମ୍ବାପାତ୍ର, ମାଟିପାତ୍ରରେ ପାଣି ରଖି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ ।

କୌଣସି କାରଣରୁ ଘରକୁ ଏକାଧିକ ଦିନ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲେ ଆମେ ଅସୁବିଧାରେ ପଡ଼ିଥାଉ । ଜରୁରିକାଳୀନ ପରିସ୍ଥିତିରେ ପାନୀୟ ଜଳର ଆବଶ୍ୟକ ପଡ଼ିଲେ ଘରେ ସଞ୍ଚିତ ପାଣିକୁ ବ୍ୟବହାର କରିଥାଉ । ଉକ୍ତ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ପରିମାଣରେ ଭଲ କି ଖରାପ ତାହା ଜାଣିବାର ଆବଶ୍ୟକତା ରହିଛି । ଜଳକୁ କାଚ ଗ୍ଲାସ କିମ୍ବା କୌଣସି ପାତ୍ରରେ ରାତିତମାମ ରଖିବା ଦ୍ୱାରା ତାହା ବାୟୁରେ ଥିବା କାର୍ବନ ଡାଇଅକ୍ସାଇଡ ସଂସ୍ପର୍ଶରେ ଆସିଥାଏ । ପାଣି ସହ ଏହା ମିଶିବା ଦ୍ୱାରା ପାନୀୟ ଜଳର ସ୍ୱାଦ କିଛି ମାତ୍ରାରେ ଖରାପ ଲାଗିଥାଏ, ତଥାପି ଉକ୍ତ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ସୁରକ୍ଷିତ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନଳକୂପ ଜଳର 'ସେଲ୍ଫ ଲାଇଫ' ୬ମାସ ପର୍ଯ୍ୟନ୍ତ ରହିଥାଏ । ଛଅ ପରେ ଉକ୍ତ ଜଳରେ କ୍ଲୋରିନର ମାତ୍ରା କ୍ରମଶଃ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥାଏ ଯଦ୍ଦ୍ୱାରା ଉକ୍ତ ଜଳରେ ଜୀବାଣୁ ବୃଦ୍ଧିପାଇବା ଆରମ୍ଭ ହୋଇଥାଏ । ଉକ୍ତ ଜଳ ଗରମ ପରିବେଶରେ ରହିଲେ ଜୀବାଣୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଥାଏ । ପ୍ଲାଷ୍ଟିକର ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ । କିନ୍ତୁ ଆଜିକାଲି ପ୍ଲାଷ୍ଟିକ ବୋତଲରେ ପାନୀୟ ଜଳ ଓ ଥଣ୍ଡା ପାନୀୟର ବହୁଳ ବ୍ୟବହାର ହେଉଛି । ଖାଦ୍ୟ ଓ ଔଷଧ ପ୍ରଶାସନ ବିଭାଗ(ଏଫ୍ଡିଏ) ବୋତଲ ପାଣିରେ ସେଲ୍ଫ ଲାଇଫ ଲେବଲ ଲଗାଇବା ଆବଶ୍ୟକ ।

ବୋତଲରେ ପାଣି ସଂରକ୍ଷଣ କରାଯିବାବେଳେ ସିଧାସଳଖ ସୂର୍ଯ୍ୟକିରଣ ଏବଂ କୌଣସି ରାସାୟନିକ ପଦାର୍ଥଠାରୁ ଦୂରେଇ ରଖିବା ଉଚିତ । ସୂର୍ଯ୍ୟକିରଣ ପାଣିରେ ଥିବା ଜୀବାଣୁକୁ ବୃଦ୍ଧି ଘଟାଇବାରେ ସହାୟକ ହେବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ଜଳ ହେଉ କିମ୍ବା ପାନୀୟ ଜଳ ବୋତଲରେ ସଂରକ୍ଷିତ ବେଳେ ଏସବୁ ପ୍ରତି ଠିକ୍ ଧ୍ୟାନଦେବାର ଆବଶ୍ୟକତା ରହିଛି । କାରଣ ଉତ୍ତମ ପାନୀୟ ଜଳ ହିଁ ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ । ତା' ସହ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ଏବଂ ଆମକୁ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ ।

ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ଧାତୁ ପାତ୍ରରେ ପାନୀୟ ଜଳ ରଖି ପିଇବା ସ୍ୱାସ୍ଥ୍ୟପ୍ରଦ ବୋଲି ଉଲ୍ଲେଖ ରହିଛି । ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇବା ଦ୍ୱାରା ଆମ ଶରୀରର ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ । ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ । ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ । ତମ୍ବା ପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହୋଇଥାଏ । ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍ସର ହେବା ଆଶଙ୍କା ଦୂର କରିବା ସହ ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ । ରାତିରେ ତମ୍ବାପାତ୍ରରେ ପାଣି ରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ । ତା' ସହିତ ଏସିଡିଟି ଓ କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ । ତମ୍ବାରେ 'ଆଣ୍ଟିମୟିକ୍ରବାୟଲ' ଗୁଣ ରହିଥିବାରୁ ଏହା କ୍ଷତିକାରକ ଜୀବାଣୁ ଏବଂ ଭାଇରସ୍କୁ ସମୂଳେ ନଷ୍ଟ କରିବା ସହ ଜଳକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ । ତମ୍ବାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀର ପାଇଁ ବେଶ୍ ଉପକାରୀ । ବେଳେବେଳେ ନିମ୍ନମାନର ତମ୍ବାପାତ୍ର ଏବଂ ବିଭିନ୍ନ ମିଶ୍ରିତ ଧାତୁରେ ନିର୍ମିତ ତମ୍ବାପାତ୍ରରେ ପାଣିରଖି ପିଇବା ଦ୍ୱାରା ଏହା ଶରୀର ପାଇଁ ଖରାପ ପ୍ରଭାବ ପକାଇବାର ଅଧିକ ସମ୍ଭାବନା ରହିଥାଏ । କେବଳ ସେତିକି ନୁହେଁ, ଯକୃତ ଉପରେ ଖରାପ ପ୍ରଭାବ ପକାଇବା ସହ ଝାଡ଼ା ବାନ୍ତି ଆଦି ହେବାର ଆଶଙ୍କା ରହିଥାଏ । ପାନୀୟ ଜଳ ବ୍ୟବହାର ନିମନ୍ତେ ତମ୍ବାପାତ୍ର ଉଚ୍ଚ ମାନର ହେବା ଆବଶ୍ୟକ । ବ୍ୟବହାର ହେଉଥିବା ତମ୍ବାପାତ୍ରକୁ ନିୟମିତ ସଫା କରିବା ଉଚିତ, ଯଦ୍ଦ୍ୱାରା ଜୀବାଣୁ ବୃଦ୍ଧି ହ୍ରାସ ଘଟିଥାଏ । ତମ୍ବାପାତ୍ରରେ କୌଣସି ଫଳରସ, ଅମ୍ଳଯୁକ୍ତ ପାନୀୟ ରଖି ସେବନ କରିବା ଅନୁଚିତ । ତମ୍ବା ଏକ ଉଚ୍ଚ ତାପଜ ଧାତୁ ହୋଇଥିବାରୁ ଏଥିରେ ଗରମ ପାଣି ରଖି ପିଇବା ଅନୁଚିତ ।

## ଶରୀର ପାଇଁ କେତେ ଉପକାରୀ ସଜନା ଶାଗ, ଜାଣନ୍ତି କି ?

***ସଜନା ଶାଗରେ ଭିଟାମିନ୍ ଓ, ଭିଟାମିନ୍ ସି, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ଭଲ ପରିମାଣର ପୋଷକ ତତ୍ତ୍ୱ ରହିଥାଏ। ଯାହା ଫଳରେ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ଅନେକ ରୋଗର ମୁକାବିଲା କରିବାରେ ସାହାଯ୍ୟ କରିଥାଏ।***

ରକ୍ତହୀନତାକୁ ରୋକିବାରେ ସହାଯ୍ୟ କରେ ସଜନା: ସଜନା ଗଛ ଯାହାର ବୈଜ୍ଞାନିକ ନାମ ହେଉଛି 'ମୋରିଙ୍ଗା ଓଲିଫେରା' । ଏହାର ପତ୍ର ଫଳ, ମଞ୍ଜି, ଛାଲ, ମୂଳ ଇତ୍ୟାଦି ସବୁ ବ୍ୟବହୃତ ହୁଏ। ସଜନା ଶାଗ 'ଚମତ୍କାର ବୃକ୍ଷ' ଏହାକୁ 'ଡ୍ରମଷ୍ଟିକ୍ ପ୍ଲାଣ୍ଟ' ମଧ୍ୟ କୁହାଯାଏ କାରଣ ଏହାର ମଧ୍ୟ ଅନେକ ଗୁଣ ଅଛି। ସଜନା ଶାଗକୁ ଆମେ ବିଭିନ୍ନ ଉପାୟରେ ଖାଇପାରିବେ। ଏଗୁଡିକ ସାଲାଡ, ପନିପରିବା ସହିତ କିମ୍ବା ଚା' କରି ମଧ୍ୟ ଖାଇପାରିବେ। ସଜନା ଚା' ତିଆରି କରିବା ପାଇଁ ପତ୍ରକୁ ଗ୍ରାଇଣ୍ଡ କରି ଗରମ ପାଣିରେ ଫୁଟାନ୍ତୁ। ଏହି କାରଣରୁ, ଆଣ୍ଟିଅକ୍ସିଡାଣ୍ଟ ଏବଂ ପୋଷକ ତତ୍ତ୍ୱ ପାଣିରେ ରହିବ। ସଜନା ଶାଗ ଖାଇବା କେବଳ ସ୍ୱାସ୍ଥ୍ୟର ଉପକାର ହୁଏ ନାହିଁ ବରଂ ଏହାର ସ୍ୱାଦ ମଧ୍ୟ ଭଲ ।



*ରକ୍ତହୀନତା ରୋକିଥାଏ:* ସଜନାରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ରକ୍ତହୀନତାକୁ ରୋକିବାରେ ସହାୟକ ହୋଇଥାଏ। ଆଇରନ, ଭିଟାମିନ୍ ସି, ଫୋଲିକ୍ ଏସିଡ୍, ଭିଟାମିନ୍ ବି ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ପୁଷ୍ଟିକର ଖାଦ୍ୟ ସଜନାରେ ମିଳିଥାଏ। ରକ୍ତରେ ହେମୋଗ୍ଲୋବିନ୍ ସୃଷ୍ଟି କରେ ଯାହା ଅମ୍ଳଜାନ ଯୋଗାଇବାରେ ସାହାଯ୍ୟ କରିଥାଏ। ଏହା ସହ ଭିଟାମିନ୍ ସି ଆଇରନ୍ ଅବଶୋଷଣରେ ମଧ୍ୟ ସାହାଯ୍ୟ କରେ। ସଜନା ଫଲିକ୍ ଏସିଡ୍ ଜଇଉ ଉତ୍ପାଦନକୁ ପ୍ରୋତ୍ସାହିତ କରେ। ରକ୍ତହୀନତାର ଚିକିତ୍ସାରେ ଭିଟାମିନ୍ ଈ୧୨ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ରକ୍ତହୀନତାକୁ ରୋକିବାରେ ସଜନା ଶାଖ ଖାଇବା ଲାଭଦାୟକ।

*ଥାଇରଏଡ ପାଇଁ ଉପକାରୀ:* ସଜନା ଶାଗରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ଥାଇରଏଡ୍ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆୟୋଡିନ୍, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି ଏବଂ ଇ, ଜିଙ୍କ ଏବଂ ସେଲେନିୟମ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ। ଯାହାକି ଆୟୋଡିନ୍ ଥାଇରଏଡ୍ ହରମୋନ୍ ସନ୍ତୁଳନ କରିବାରେ ସାହାଯ୍ୟ କରେ।

*ଉଚ୍ଚ ରକ୍ତଚାପ ହ୍ରାସ କରେ:* ଏହିପରି ଅନେକ ଗୁଣ ସଜନା ଶାଗରେ ମିଳିଥାଏ ଯାହା ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ପୋଟାସିୟମ ଥାଏ ଯାହା ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସଜନା ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ମଧ୍ୟ ଏଥିରେ ମିଳିଥାଏ ଯାହା ଧମନୀକୁ ଆରାମ ଦେଇଥାଏ। ସଜନା ଶାଗରେ ନାଇଟ୍ରିକ୍ ଅକ୍ସାଇଡ୍ ସ୍ତରକୁ ମଧ୍ୟ ହ୍ରାସ କରିଥାଏ ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ତେଣୁ ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ସଜନା ଶାଗ ବରଦାନ ସ୍ୱରୂପ।

*ଡାଇବେଟିସ ସମସ୍ୟାକୁ ଦୂରକରେ:* ଯେଉଁମାନଙ୍କର ଡାଇବେଟିସ ସମସ୍ୟା ଥାଏ ସେମାନେ ସଜନା ଶାଗର ଜୁସ ସେବନ କଲେ ଡାଇବେଟିସ ନିୟନ୍ତ୍ରଣରେ ରହିଥାଏ। ଯେଉଁ ଲୋକମାନେ ଥାଇରଏଡ ସମସ୍ୟା,ଯେଉଁମାନଙ୍କର ଅନିଦ୍ରା ସମସ୍ୟା ଅଛି ସେମାନେ ସଜନା ଶାଗ ସେବନ କଲେ ଅନିଦ୍ରା ସମସ୍ୟା ଦୂର ହୋଇଥାଏ

*ଚର୍ବିକୁ ହ୍ରାସ କରାଏ:* ଯଦି ଆପଣ ନିଜ ଶରୀରର ଚର୍ବିକୁ ହ୍ରାସ କରିବାକୁ ଚାହାନ୍ତି ସଜନା ଶାଗ ସେବନ କରନ୍ତୁ,ଏହା ମେଟାବୋଲିଜିମକୁ ଦୂର କରିଥାଏ,ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ।

ମୁଣ୍ଡରୁ କେଶ ଝଡ଼ିବା ସମସ୍ୟା ଓ ରୁପି ହେବା ସମସ୍ୟାରୁ ରକ୍ଷା ପାଇବାପାଇଁ ଏହାକୁ ସେବନ କରନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଇଥାନଲ୍ ନୀତିର ଦ୍ୱନ୍ଦ୍ୱ: ଗାଡ଼ି, ଖାଦ୍ୟ ଓ ପରିବେଶର ଚିନ୍ତା

ଶକ୍ତି ସୁରକ୍ଷା ଏବଂ ପରିବେଶ ସୁରକ୍ଷାର ସନ୍ତୁଳନ ରକ୍ଷା କରିବା ପାଇଁ ଭାରତ ସରକାରଙ୍କ ଇଥାନଲ୍ ମିଶ୍ରଣ ଯୋଜନା ବିଶ୍ୱସ୍ତରୀୟ ପ୍ରୟାସର ଏକ ପ୍ରତିଫଳନ। ତେବେ ବ୍ରାଜିଲ୍‌ର ଦଶନ୍ଧିବ୍ୟାପୀ ସୁଚିନ୍ତିତ ଯୋଜନା ତୁଳନାରେ ଭାରତର ଦ୍ରୁତ ପଦକ୍ଷେପ ଆଜି ସାଧାରଣ ଗାଡ଼ିଚାଳକଙ୍କୁ ମାଇଲେଜ୍, ଗାଡ଼ିର କ୍ଷୟ ଏବଂ ଅଧିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ଭଳି ଅନେକ ବ୍ୟାବହାରିକ ସମସ୍ୟା ଭିତରକୁ ଠେଲି ଦେଇଛି। କିନ୍ତୁ ଏହି ବିବାଦ କେବଳ ଗାଡ଼ିର ଇଞ୍ଜିନ୍‌ରେ ସୀମିତ ନୁହେଁ; ଏହାର ପ୍ରଭାବ ଦେଶର ଖାଦ୍ୟ ସୁରକ୍ଷା ଏବଂ ପରିବେଶ ଉପରେ ଏକ ଗଭୀର ଏବଂ ଚିନ୍ତାଜନକ ଛାପ ଛାଡ଼ିବାର ଆଶଙ୍କା ସୃଷ୍ଟି କରିଛି। ୨୦୨୫ ସୁଦ୍ଧା ପେଟ୍ରୋଲରେ ୨୦% ଇଥାନଲ୍ ମିଶ୍ରଣ (E20) କରିବାର ଲକ୍ଷ୍ୟ ହୁଏତ ଆମଦାନୀ ଖର୍ଚ୍ଚ କମାଇବ, କିନ୍ତୁ ଏଥିପାଇଁ ଦେଶକୁ ଏକ ବଡ଼ ମୂଲ୍ୟ ଦେବାକୁ ପଡ଼ିପାରେ।

ବିଜ୍ଞାନ ଦୃଷ୍ଟିରୁ ଦେଖିଲେ, ଇଥାନଲ୍ ଏକ ଜୈବ ଇନ୍ଧନ ଯାହା ପେଟ୍ରୋଲ ସହ ମିଶି ଏକ ଅକ୍ସିଜେନେଟ୍ ଭାବେ କାମ କରେ, ଅର୍ଥାତ୍ ଏହା ଇନ୍ଧନକୁ ଭଲ ଭାବେ ଜଳିବାରେ ସାହାଯ୍ୟ କରେ। କିନ୍ତୁ ଏହାର ଦୁଇଟି ମୁଖ୍ୟ ଗୁଣକୁ ବୁଝିବା ଜରୁରୀ: କ୍ୟାଲୋରିଫିକ୍ ମୂଲ୍ୟ ଏବଂ ଅକ୍ଟେନ୍ ନମ୍ବର। ଇଥାନଲର କ୍ୟାଲୋରିଫିକ୍ ମୂଲ୍ୟ ବା ତାପଜ ମାନ ପେଟ୍ରୋଲ ତୁଳନାରେ ଯଥେଷ୍ଟ କମ୍, ଯାହାର ଅର୍ଥ ହେଉଛି ପ୍ରତି ଲିଟର ଇନ୍ଧନରୁ କମ୍ ଶକ୍ତି ମିଳିବ। ସିଧା କଥାରେ କହିଲେ, ଏହାଦ୍ୱାରା ଗାଡ଼ିର ମାଇଲେଜ୍ କମିବା ସ୍ୱାଭାବିକ। ଅନ୍ୟପଟେ, ଇଥାନଲର ଅକ୍ଟେନ୍ ନମ୍ବର ଅଧିକ ହୋଇଥିବାରୁ ଏହା ଇଞ୍ଜିନ୍‌ରୁ ଆସୁଥିବା ଅସ୍ୱାଭାବିକ ଶବ୍ଦ (engine knocking) କମାଇବାରେ ସାହାଯ୍ୟ କରେ। ତଥାପି, କମ୍ ଶକ୍ତି ମିଳୁଥିବାରୁ ମାଇଲେଜ୍ ଉପରେ ଏହାର ପ୍ରତିକୂଳ ପ୍ରଭାବକୁ ଏଡ଼ାଇ ଦିଆଯାଇପାରିବ ନାହିଁ।

ତେବେ ବିଶେଷଜ୍ଞଙ୍କ ମତରେ, ମାଇଲେଜ୍‌ଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଇଥାନଲର ଜଳ ଆକର୍ଷଣ କରିବାର ପ୍ରବୃତ୍ତି (hygroscopic nature)। ଇଥାନଲ୍ ବାୟୁମଣ୍ଡଳରୁ ସହଜରେ ଜଳୀୟବାଷ୍ପ ଶୋଷି ନିଏ । ଯଦି ଗାଡ଼ିକୁ ପ୍ରତିଦିନ ବ୍ୟବହାର କରାନଯାଏ, ତେବେ ଏହି ଜଳ ଇନ୍ଧନ ଟାଙ୍କିରେ ଜମା ହୋଇ କଳଙ୍କି ସୃଷ୍ଟି କରିପାରେ । ଏହି କଳଙ୍କିର କଣିକା ଇନ୍ଧନ ସହ ମିଶି ଫୁଏଲ୍ ଲାଇନ୍‌କୁ ଜାମ୍ କରିଦିଏ, ଯାହା ପରୋକ୍ଷରେ ଗାଡ଼ିର ମାଇଲେଜ୍ ଏବଂ ଇଞ୍ଜିନ୍ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରେ । ଏହା ବ୍ୟତୀତ, ଇଥାନଲ୍ ଇନ୍ଧନ ବ୍ୟବସ୍ଥାରେ ଥିବା ରବର ଏବଂ ପ୍ଲାଷ୍ଟିକ୍ ଅଂଶଗୁଡ଼ିକୁ ମଧ୍ୟ କ୍ଷତି ପହଞ୍ଚାଇପାରେ। ସରକାର ଯଦିଓ ଏହି ପୁରୁଣା ଅଂଶଗୁଡ଼ିକୁ ବଦଳାଇବା ସହଜ ଓ ଶସ୍ତା ବୋଲି କହୁଛନ୍ତି, ଏହା ଖାଉଟିଙ୍କ ଉପରେ ଏକ ଅତିରିକ୍ତ ଏବଂ ଅପ୍ରତ୍ୟାଶିତ ଆର୍ଥିକ ବୋଝ ସୃଷ୍ଟି କରୁଛି।

ଏହି ସମସ୍ୟାର ସବୁଠାରୁ ଗମ୍ଭୀର ଦିଗଟି ହେଉଛି ପୁରୁଣା ଏବଂ ନୂଆ ଗାଡ଼ି ମଧ୍ୟରେ ଥିବା ବୈଷୟିକ ପାର୍ଥକ୍ୟ । ଆଧୁନିକ ଗାଡ଼ିଗୁଡ଼ିକରେ ଇଲେକ୍ଟ୍ରୋନିକ୍ କଣ୍ଟ୍ରୋଲ୍ ୟୁନିଟ୍ (ECU) ଥାଏ, ଯାହା ଇନ୍ଧନରେ ଇଥାନଲର ମାତ୍ରାକୁ ଚିହ୍ନଟ କରି ସ୍ୱୟଂଚାଳିତ ଭାବେ ବାୟୁ-ଇନ୍ଧନ ଅନୁପାତକୁ ସଜାଡ଼ି ଦିଏ । କିନ୍ତୁ ୨୦୨୦ ପୂର୍ବରୁ ତିଆରି ହୋଇଥିବା ଅଧିକାଂଶ ଗାଡ଼ିରେ ମେକାନିକାଲ୍ କାର୍ବ୍ୟୁରେଟର୍ ବ୍ୟବହାର କରାଯାଇଛି, ଯେଉଁଥିରେ ଏହି ଅତ୍ୟାଧୁନିକ ସେନ୍ସର ନାହିଁ । ଏହି ଗାଡ଼ିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଇନ୍ଧନ ପାଇଁ ତିଆରି ହୋଇଛି ଏବଂ ସେଗୁଡ଼ିକ ଇ୨୦ ଭଳି ନୂଆ ଇନ୍ଧନ ସହ ନିଜକୁ ଖାପ ଖୁଆଇ ପାରନ୍ତି ନାହିଁ । ଏହି ଗାଡ଼ିଗୁଡ଼ିକୁ ନୂଆ ଇନ୍ଧନ ପାଇଁ ପୁନଃ-କାଲିବ୍ରେଟ୍ କରିବା ସମ୍ଭବ ନୁହେଁ ଏବଂ ଯଦି ସମ୍ଭବ ହୁଏ, ତେବେ ଏହା ଏକ ଜଟିଳ ଓ ବ୍ୟୟବହୁଳ ପ୍ରକ୍ରିୟା ।

ତେବେ ଏହି ଯାନ୍ତ୍ରିକ ସମସ୍ୟାଠାରୁ ମଧ୍ୟ ଅଧିକ ଗମ୍ଭୀର ହେଉଛି 'ଖାଦ୍ୟ ବନାମ ଇନ୍ଧନ'ର ଦ୍ୱନ୍ଦ୍ୱ । ଭାରତରେ ଇଥାନଲ୍ ମୁଖ୍ୟତଃ ଆଖୁରୁ ଉତ୍ପାଦନ କରାଯାଉଛି, ଯାହାକି ଏକ ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ । ଯେଉଁ ଦେଶରେ କୋଟି କୋଟି ଲୋକ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ଏବଂ ଭୂତଳ ଜଳସ୍ତର ଦ୍ରୁତ ଗତିରେ ତଳକୁ ଖସୁଛି, ସେଠାରେ ଲକ୍ଷ ଲକ୍ଷ ହେକ୍ଟର ଜମିରେ କେବଳ ଗାଡ଼ି ପାଇଁ ଇନ୍ଧନ ତିଆରି କରିବାକୁ ଆଖୁ ଚାଷ କରିବା କେତେଦୂର ଯୁକ୍ତିଯୁକ୍ତ ? ଏହା ସିଧାସଳଖ ଆମର ମୂଲ୍ୟବାନ ଜଳ ସମ୍ବଳ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରୁଛି। ଏହି ସମସ୍ୟାକୁ ଆହୁରି ଜଟିଳ କରିଛି ଖାଦ୍ୟଶସ୍ୟର ବ୍ୟବହାର । ସରକାର ଏବେ ଚାଉଳ ଏବଂ ମକା ଭଳି ଖାଦ୍ୟଶସ୍ୟକୁ ଇଥାନଲ୍ ତିଆରି ପାଇଁ ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି । ଏକ ଏପରି ଦେଶରେ ଯେଉଁଠି ପୁଷ୍ଟିହୀନତା ଏକ ବଡ଼ ସମସ୍ୟା ଏବଂ ଖାଦ୍ୟ ସାମଗ୍ରୀର ଦାମ୍ ଆକାଶଛୁଆଁ, ସେଠାରେ ଖାଇବା ଜିନିଷକୁ ଗାଡ଼ି ଚଳାଇବା ପାଇଁ ବ୍ୟବହାର କରିବା ଏକ ନୈତିକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହାଦ୍ୱାରା ଖାଦ୍ୟ ବଜାରରେ ଅଭାବ ଦେଖାଦେବା ସହ ଗରିବ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ଏକ ବଡ଼ ଆହ୍ୱାନ ହୋଇପାରେ।

ପରିବେଶ ଦୃଷ୍ଟିକୋଣରୁ ମଧ୍ୟ ଏହି ନୀତିର ଅନେକ ନକାରାତ୍ମକ ଦିଗ ରହିଛି । ଯଦିଓ ଇଥାନଲ୍ ମିଶ୍ରଣ ଦ୍ୱାରା ଗାଡ଼ିରୁ ବାହାରୁଥିବା କିଛି ପ୍ରଦୂଷକ କମିପାରେ, କିନ୍ତୁ ଏହାର ସମ୍ପୂର୍ଣ୍ଣ ଜୀବନଚକ୍ରକୁ ଦେଖିଲେ ଚିତ୍ରଟି ଭିନ୍ନ ଲାଗେ। ଆଖୁ କିମ୍ବା ମକା ଚାଷ ପାଇଁ ବ୍ୟବହୃତ ବିପୁଳ ପରିମାଣର ରାସାୟନିକ ସାର ଓ କୀଟନାଶକ ମାଟି ଏବଂ ପାଣିକୁ ପ୍ରଦୂଷିତ କରେ। ଏକପ୍ରକାର ଫସଲର ଚାଷ (monoculture) ଜମିର ଉର୍ବରତା ନଷ୍ଟ କରିବା ସହ ଜୈବ ବିବିଧତାକୁ ମଧ୍ୟ କ୍ଷତି ପହଞ୍ଚାଏ। ତେଣୁ, କେବଳ ଗାଡ଼ିରୁ ବାହାରୁଥିବା ଧୂଆଁକୁ ଦେଖି ଏହାକୁ ଏକ ପରିବେଶ-ଅନୁକୂଳ ପଦକ୍ଷେପ କହିବା ସମ୍ପୂର୍ଣ୍ଣ ଭୁଲ୍ ହେବ।

ଇଥାନଲ୍ ମିଶ୍ରଣ ନୀତିର ମୂଳ ଉଦ୍ଦେଶ୍ୟ ଯେତେ ଭଲ ହେଲେ ମଧ୍ୟ ଏହାର ତରବରିଆ କାର୍ଯ୍ୟକାରିତା ଏକାଧିକ ସଙ୍କଟକୁ ଜନ୍ମ ଦେଉଛି । ଏହା କେବଳ ଲକ୍ଷ ଲକ୍ଷ ଗାଡ଼ି ମାଲିକଙ୍କ ପକେଟ୍ ଉପରେ ବୋଝ ପକାଉନାହିଁ, ବରଂ ଦେଶର ଖାଦ୍ୟ ଓ ଜଳ ସୁରକ୍ଷା ପାଇଁ ମଧ୍ୟ ଏକ ଦୀର୍ଘମିଆଦୀ ବିପଦ ସୃଷ୍ଟି କରୁଛି । ସମାଧାନର ରାସ୍ତା ହେଉଛି ଏକ ସୁଚିନ୍ତିତ ଏବଂ ପର୍ଯ୍ୟାୟକ୍ରମିକ ପଦକ୍ଷେପ । ଖାଦ୍ୟଶସ୍ୟ ବଦଳରେ କୃଷି ବର୍ଜ୍ୟବସ୍ତୁ ଯେପରିକି ନଡ଼ା ବା କୁଟାରୁ ଦ୍ୱିତୀୟ-ପିଢ଼ି (2G) ଇଥାନଲ୍ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଏହା ଖାଦ୍ୟ ସୁରକ୍ଷା ଏବଂ ପରିବେଶ ଉପରେ ଚାପ କମାଇବ ।



# ସାଇତା ସ୍ମୃତିର ଝଲକ

**ସରୋଜ କୁମାର ମହାରଣା**

ପ୍ରକୃତି ପ୍ରତ୍ୟେକ ପ୍ରାଣୀକୁ କ୍ୟାମେରା ଦେଇଛି, ଯାହା ଦ୍ୱାରା ସେ ସଂସାରର ପ୍ରତ୍ୟେକ ବସ୍ତୁର ଛବିକୁ ନିଜ ମସ୍ତିଷ୍କରେ ଆଙ୍କି ପାରିବ । ତାହା ହେଉଛି ଆଖି । ସେହି ଦୃଷ୍ଟିରୁ ଦେଖିଲେ ପ୍ରତ୍ୟେକ ପ୍ରାଣୀ ଜଣେ ଫଟୋଗ୍ରାଫର । ବିଜ୍ଞାନର ଅଗ୍ରଗତି ସହିତ ମନୁଷ୍ୟ କ୍ରମେ ବିଭିନ୍ନ ସାଧନ ଆବିଷ୍କାର କଲା । କୃତ୍ରିମ ଲେନ୍ସ ବି ତା ଆବିଷ୍କାରର ଏକ ନମୁନା । ସମୟ ସହ ଆଗକୁ ବଢ଼ି ଏହି ଲେନ୍ସରୁ ପ୍ରାପ୍ତ ଛବିକୁ ସ୍ଥାୟୀ ରୂପରେ ସାଇତିବାକୁ ପ୍ରୟାସ କଲା । ଏହି ପ୍ରୟାସର ସଫଳତାକୁ ବିଶ୍ୱ ଫଟୋଗ୍ରାଫି ଦିବସ ଭାବେ ପାଳନ କରାଯାଉଛି ।

ବର୍ତ୍ତମାନର ଆଖିଝଲସା ହାତପାହାନ୍ତାର ଅତ୍ୟାଧୁନିକ ମୋବାଇଲ ଫୋନରେ ଯଦିଓ ପୂର୍ବ ସମୟର ଆଉ କ୍ୟାମେରା ଫଟୋର ଆଗ୍ରହ ଓ ଭଲ ପାଇବା ସେପରି ରହୁନି ତେବେ ଅନେକ ହୁଏତ ଜାଣିନଥିବେ ଯେ ୧୮୩୯ ମସିହାରେ ସର୍ବପ୍ରଥମେ ଫଟୋଗ୍ରାଫି ଶବ୍ଦର ଆବିଷ୍କାର କରିଥିଲେ ସାର ଜନ ହର୍ସେଲ। ସେହିଭଳି ୧୯୭୫ରେ କୋଡ଼ାକ କମ୍ପାନୀ ପ୍ରଥମ ଡିଜିଟାଲ କ୍ୟାମେରା ବଜାରକୁ ଛାଡ଼ିଥିଲା। ସମୟ ଥିଲା ଦୁନିଆର ପ୍ରଥମ ଫଟୋ ଉଠାଇବା ନିମିତ୍ତ ଆଠଘଣ୍ଟା ସମୟ ଲାଗିଥିଲା ବୋଲି ଏକ ତଥ୍ୟ ଜଣାଯାଏ। ୧୮୮୫ରେ ଆନୁଷ୍ଠାନିକ ଭାବେ ଭାରତକୁ କ୍ୟାମେରା ଆସିଥିଲା ଓ ଦିନକୁ ଦିନ କ୍ୟମେରାର ଚାହିଦା ମଧ୍ୟ ବଢୁଛି। ସର୍ବପ୍ରଥମେ ୧୮୩୭ ମସିହାରେ ଜୋସେଫ୍ ନାଇସ୍‌ଫୋର୍ ନିପ୍‌ସେ ଏବଂ ଲୁଇସ୍ ଡାଗ୍ୟୁରେ ଫଟୋଗ୍ରାଫିକ୍ ପ୍ରକ୍ରିୟା ବିକାଶ କରିଥିଲେ । ୧୮୩୯ ମସିହା ଜାନୁଆରୀ ୯ ତାରିଖରେ ଦ ଫ୍ରେଞ୍ଚ୍ ଏକାଡ଼େମୀ ଅଫ୍ ସାଇନ୍ସେସ୍ ଏହାକୁ ଡାଗ୍ୟୁରିଓଟାଇପ୍ ପ୍ରକ୍ରିୟା ବୋଲି ଘୋଷଣା କଲେ । ଏହାର କିଛି ମାସ ପରେ ଅର୍ଥାତ୍ ଅଗଷ୍ଟ ୧୯, ୧୮୩୯ରେ ଫ୍ରେଞ୍ଚ୍ ସରକାର ଏହାର ପେଟେଣ୍ଟ କିଣିବା ସହ ଏହି ଉଦ୍ଭାବନକୁ ସାଧାରଣ ଲୋକଙ୍କ ପାଇଁ ଘୋଷଣା କଲେ । ସେହି ଦିନଠାରୁ ପ୍ରତିବର୍ଷ ୧୯ ଅଗଷ୍ଟକୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଏ।

ଫଟୋଗ୍ରାଫି କେବଳ ତ କୌଶଳ ବା ସଉକ ନୁହେଁ ଏହା ତମାମ ଜୀବନ ପାଇଁ ସାଇତି ରହୁଥିବା ସ୍ମୃତି ଅନୁଭୂତିର ଅନେକ ଝଲକ। ଫଟୋଟିଏ ଭିତରେ ଥାଏ କେତେ ଭାବନା, କେତେ ଉତ୍ସାହ ଉଦ୍ଦୀପନା। ଖାଲି ଆଖିରେ ଯାହା ଆମକୁ ଅତି ସାଧାରଣ ଦିଶେ, ଫଟୋରେ ତାହା ପାଲଟିଯାଏ ଅଦ୍ଭୁତ, କମନୀୟ ଓ ମନଲୋଭା ଅପରୂପ ସୌନ୍ଦର୍ଯ୍ୟରେ ଭରା। କିଛି ନକହିବି ଫଟୋ କହିଯାଏ ଅନେକ କଥା। ସୃଷ୍ଟି କରେ ଭାବପ୍ରବଣତା। ଫଟୋର ନିର୍ଦ୍ଦିଷ୍ଟ କୌଣସି ଭାଷା ନଥାଏ କିନ୍ତୁ ସମସ୍ତେ ବୁଝିପାରିବା, ହୃଦୟଙ୍ଗମ କରିପାରିବା ଭଳି ଗୋଟିଏ ମଧୁର ଆବେଦନ ରହିଥାଏ। ଗୋଟିଏ ଗୋଟିଏ ଫଟୋ ଏପରି ରହିଥାଏ ଯାହା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦିଏ। ସମ୍ଭବତଃ ଏକ ପ୍ରସିଦ୍ଧ ଧାଡ଼ିଟି ରହିଛି - ଏ ଫଟୋ ଗ୍ରାଫ ଇଜି ଏ ପଜ ଇନ ଲାଇଫ୍। ସମୟ କାହାକୁ ଅପେକ୍ଷା କରେନାହିଁ ମାତ୍ର କ୍ୟାମେରାରେ କଏଦ କରି ସ୍ମୃତିରେ ସାଇତି ହୁଏ ସମୟର କିଛି ଝଲକକୁ। ଫଟୋଗ୍ରାଫି କେବଳ ଏକ କୌଶଳ ବା ସଉକ ନୁହେଁ ଏହା ତମାମ ଜୀବନ ପାଇଁ କେତୋଟି ସ୍ମୃତି ସାଇତି ରଖିବାର ଏକ ଉତ୍ତମ ମାଧ୍ୟମ। ଗୋଟିଏ ଫଟୋରେ କେତେ ଭାବନା, କେତେ ମଧୁର ସ୍ମୃତି ସାଇତି ହୋଇ ରହିଥାଏ ତାହା ପରମୁହୂର୍ତ୍ତରେ ଦେଖିଲେ ଜଣାପଡ଼େ। କେବେ କେବେ ସାଧାରଣ ଆଖି ଦେଖିପାରୁ ନଥିବା କଥା ଫଟୋ ମାଧ୍ୟମରେ ଲୋକଲୋଚନକୁ ଆସେ। ଅନ୍ୟ ଅର୍ଥରେ କହିବାକୁଗଲେ ଫଟୋଗ୍ରାଫି ଏକ ଏଭଳି ଭାଷା ଯାହାକୁ ସବୁ ଭାଷାଭାଷୀ ଲୋକ ବୁଝିପାରନ୍ତି। ଆଲୋକ ଓ ସମୟର ସମନ୍ୱୟ ଏହି ଫଟୋ ଯାହା ମସ୍ତିଷ୍କରେ ସାଇତା ସ୍ମୃତିକୁ ଉଜ୍ଜୀବିତ କରେ। ଫଟୋଗ୍ରାଫିର ଯୁଗ କେହି କେହି କୁହନ୍ତି ଯେ ହଜିଛି ଷ୍ଟୁଡିଓ। ଦିନଥିଲା ଏହି କଳାଧଳା ଛାପ ଛାଡ଼ି ଯାଇଥିବା ସ୍ଥିର ଚିତ୍ର ଏବେ ହାତ ପାହାନ୍ତାର ମୋବାଇଲ ଫୋନରେ ଉପଲବ୍ଧ। ଅନେକ ସମୟରେ ଗୋଟିଏ ଗୋଟିଏ ଫଟୋ ଗୋଟିଏ ଗୋଟିଏ କାହାଣୀ ସୃଷ୍ଟି କରିଛି। କୌଣସି ଶବ୍ଦ ବ୍ୟବହାର ନକରି ଏହା ତମାମ କାହାଣୀର ଆମୂଳଚୂଳ ବର୍ଣ୍ଣନା କରିଥାଏ।

ଗ୍ରାଫିକ ଆର୍ଟ ଅପ୍‌ସେଟ ପ୍ରେସ,
ନୂଆପାଟଣା, ମଙ୍ଗଳାବାଗ, କଟକ-୧



# ଧରଳିରୁ କିସ୍ତୱାର, କାଠୁଆ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ହିମାଳୟ ଅଂଚଳରେ ମାତ୍ର ପନ୍ଦର ଦିନ ମଧ୍ୟରେ ତିନୋଟି ପ୍ରାକୃତିକ ବିପର୍ଯ୍ୟାୟ ତଥା ବାଦଲଫଟା ବର୍ଷା କେବଳ ତିନୋଟି ଚରମ ଜଳବାୟୁ ଘଟଣା ନୁହେଁ, ପ୍ରକୃତିର କୋପର ପରିଣତି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ବାଦଲଫଟା ବର୍ଷା, ଏବେ ଆଉ ଅସ୍ୱାଭାବିକ ଘଟଣା ନୁହେଁ। ଉତରାଖଣ୍ଡର ଧରାଳିରେ ବାଦଲଫଟା ବର୍ଷାର ବିପର୍ଯ୍ୟାୟ ୧୦ଦିନ ପରେ କାଶ୍ମୀରର କିସ୍ତୱାର ଓ କାଠୁଆରେ ମାତ୍ର ତିନି ଦିନ ମଧ୍ୟରେ ଦୁଇଟି ବାଦଲଫଟା ବର୍ଷା, ଆକସ୍ମିକ ବର୍ଷା, ଭୂସ୍ଖଳନ, ଧ୍ୱଂସ ଓ ମୃତ୍ୟୁର ତାଣ୍ଡବ ରଚିଛି। କେବଳ ହିମାଳୟ ଅଂଚଳ ନୁହେଁ, ଦେଶର ବିଭିନ୍ନ ଅଂଚଳରେ ବାଦଲଫଟା ବର୍ଷା, ଅତିବୃଷ୍ଟି ଏବେ ଭୂସ୍ଖଳନର ତାଣ୍ଡବର ରୂପ ନେଇଛି ବୋଲି କହିଲେ ଭୁଲ ହୋଇନପାରେ। ପାର୍ବତ୍ୟ ଅଂଚଳରେ ଅଣଯୋଜନାକୃତ ନିର୍ମାଣ, ଜନବସତି ପ୍ରତିଷ୍ଠା, ଶିଳ୍ପ ପ୍ରତିଷ୍ଠା, ଆଖିବୁଜା ଗଛ କଟା ଏବଂ ଜଳଧାରାର ଗତିପଥ ନିୟନ୍ତ୍ରଣ ଏବଂ ଭୂମିରେ ଅସ୍ଥିରତା ଏବେ ବାଦଲଫଟା ଓ ଭୂସ୍ଖଳନର କାରଣ ହୋଇଛି। ଅତୀତରେ ଉତରାଖଣ୍ଡର ଯୋଶୀମଠ, ବଦ୍ରିନାଥ, କେରଳର ୱାୟନାଡ ଅଂଚଳରେ ବାଦଲଫଟା ବର୍ଷା, ଭୂସ୍ଖଳନ ଓ ମୃତ୍ୟୁର ତାଣ୍ଡବ ରଚିଥିବାବେଳେ ପନ୍ଦର ଦିନ ମଧ୍ୟରେ ଧରାଳି, କିସ୍ତିୱାର ଓ କାଠୁଆରେ ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା, ଭୂସ୍ଖଳନ ସମଗ୍ର ମାନବ ସମାଜ ପାଇଁ ସତର୍କ ଘଂଟି ସଦୃଶ ହୋଇଛି। କାରଣ ଜଳବାୟୁ ପରିବର୍ତନ ଓ ତାପମାତ୍ରା ବୃଦ୍ଧି ପ୍ରଭାବରେ। ଆସନ୍ତାକାଲି ଆଉ କେଉଁଠି ଚରମ ପ୍ରାକୃତିକ ବିପର୍ଯ୍ୟାୟ ଘଟଣା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଏହା ସତ୍ୟ ଯେ, ବିଶ୍ୱ ଜଳବାୟୁ ପରବିର୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧି ଏବେ କେବଳ ଭାରତ ତଥା ହିମାଳୟ ଭୂଖଣ୍ଡର ସମସ୍ୟା ନୁହେଁ। ଏହାର ପ୍ରଭାବ ଏବେ ସାରା ବିଶ୍ୱରେ ପରିଲିଖିତ ହୋଇଛି। ଗଲା ଜୁନ୍ ମାସରେ ପର୍ତ୍ତୁଗାଲର ତାପମାତ୍ରା ୪୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା। ୟୁରୋପର ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ୨୦୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ପୋଡି ପାଉଁଶ ହୋଇଯାଇଥିବାବେଳେ ହଜାର ହଜାର ଲୋକ ସ୍ଥାନାନ୍ତର ହୋଇଥିଲେ। କେବଳ ଆମେରିକା କିମ୍ବା ୟୁରୋପ ନୁହେଁ, ଏସିଆ ମହାଦେଶର ବିଭିନ୍ନ ଅଂଚଳରେ ବିଶ୍ୱ ତାପମାତ୍ରା ପ୍ରଭାବରେ ଅସହ୍ୟ, ଗ୍ରୀଷ୍ମ ପ୍ରବାହ, ବନ୍ୟା, ବାତ୍ୟା ଅନିମୟିତ ମୌସୁମୀ ବର୍ଷା, ହିମଶୃଙ୍ଗ ତରଳିବା, ସମୁଦ୍ର ଜଳ ପତନ ବୃଦ୍ଧି ପାଇବାରେ ଲାଗିଛି। ବନ୍ୟା, ବାତ୍ୟା, ଗ୍ରୀଷ୍ମ ପ୍ରବାହ ମୃତ୍ୟୁର ତାଣ୍ଡବ ରଚୁଛି। ଭାରତରେ ପ୍ରାକୃତିକ ବିପର୍ଯ୍ୟାୟର ପ୍ରଭାବ କ୍ରମଶଃ ବଢିବାରେ ଲାଗିଥିବାବେଳେ ୨୦୧୫ ରୁ ୨୦୨୪ ମଧ୍ୟରେ ୩୨.୩ ମିଲିଅନ ଲୋକ ସ୍ଥାନାନ୍ତର ହୋଇଥିବା ଜେନେଭା ସ୍ଥିତ ଇଂଟର ନ୍ୟାଶନାଲ ବିସ୍ଥାପିତ ମନିଟରିଂ ସେଂଟର(ଆଇଡିଏମସି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ସେହିପରି ବୈଶ୍ୱିକ ପରିସଂଖ୍ୟାନ ମଧ୍ୟ ଅତି ଗମ୍ଭୀର। ଏହି ଅବଧି ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟାୟ କାରଣରୁ ୨୬୪.୮ ମିଲିଅନ ବିସ୍ତାପିତ ହେବାକୁ ବାଧ ହୋଇଥିବା କୁହାଯାଏ। ପୂର୍ବ ଓ ଦକ୍ଷୀଣ ଏସୀୟ ଅଂଚଳ ଏହି ସମୟ ମଧ୍ୟରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ରିପୋର୍ଟରେ କୁହାଯାଇଛି। ଭାରତ ବ୍ୟତୀତ ଚୀନ, ଫିଲପାଇନସ୍, ବଙ୍ଗଳାଦେଶ ମଧ୍ୟ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ କୁହାଯାଇଛି। ଆଇଡିଏମସି ରିପୋର୍ଟରେ ବିଶ୍ୱର ସର୍ବାଧିକ ପ୍ରାକୃତିକ ବିପଦ ସଂକୁଳ ରାଷ୍ଟ୍ର ତାଲିକାରେ ଚୀନ ପ୍ରଥମ ସ୍ଥାନରେ ରହିଥିବାବେଳେ ଫିଲପାଇନସ୍ ଦ୍ୱିତୀୟ ଏବଂ ଭାରତ ତୃତୀୟ ସ୍ଥାନରେ ରହିଛି। ସେହିପରି ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପରିଚାଳନା ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକାଶିତ ରିପୋର୍ଟରେ ତାପମାତ୍ରା ବୃଦ୍ଧି ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଚିନ୍ତାଜନକ। ଏକବିଂଶ ଶତାବ୍ଦୀର ପ୍ରଥମ ତ୍ରୟରେ ହାରାହାରି ତାପମାତ୍ରା ୧୫ଡିଗ୍ରୀ ବୃଦ୍ଧି ପାଇଛି। ୨୦୨୧ରେ ହାରାହାରି ତାପମାତ୍ରା ୨୫.୫ ଡିଗ୍ରୀ ଥିବାବେଳେ ୨୦୨୪-ରେ ୨୫.୭୪ ଡିଗ୍ରୀ ସେଲସିୟସ୍‌କ ବୃଦ୍ଧି ପାଇଛି। ଉଭୟ ଦିନ ଓ ରାତ୍ରିର ତାପମାତ୍ରା ଏହି ଅବଧି ମଧ୍ୟରେ ୧ଡିଗ୍ରୀ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ, ଗତ ବର୍ଷ ଭାରତରେ ସର୍ବାଧିକ ୨୦ ହିଟୱେଭ୍ ଦିବସ ଥିବା ରେକର୍ଡ କରାଯାଇଛି। ଯାହାକି ଗତ ୧୪ବର୍ଷ ମଧ୍ୟରେ ସର୍ବାଧିକ। ଏହା ନିସନ୍ଦେହ ଯେ, ପ୍ରକୃତି ଉପରେ କ୍ରଗାମତ ଅତ୍ୟାଚାର ବିଶ୍ୱ ତାପମାତ୍ରା ଓ ଜଳବାୟୁ ପରିବର୍ତନ ବଢିଚାଲିଛି। ଏହାର ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟାୟ ବଢିଚାଲିଛି। ଏବେ ଧରାଳି, କିସ୍ତୱାର ଓ କାଠୁଆରେ ପ୍ରାକୃତିକ ବିପର୍ଯ୍ୟାୟ ଘଟିଛି। ବେଳହୁଁ ସତର୍କ ନ ହେଲେ ହିମାଳୟରେ ଆହୁରି ବିପର୍ଯ୍ୟାୟ ଘଟିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩



# 'ବସୁଧୈବ କୁଟୁମ୍ବକମ୍' : ସ୍ୱାବଲମ୍ବନ - ସ୍ୱାଭିମାନର ଜୟଗାନ

**ବିକ୍ରମ କେଶରୀ ବିଶ୍ୱାଳ**

ଆମ ଭାରତ ଆଜି ସାର୍ବଭୌମତ୍ୱ ଓ ସ୍ୱାଭିମାନ କ୍ଷେତ୍ରରେ ବିଶ୍ୱଗୁରୁର ମର୍ଯ୍ୟାଦା ପାଇଛି। ନିକଟରେ ଆମେ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଛେ ସ୍ୱାଧୀନତାର ଅମୃତ କାଳ ଯାତ୍ରାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁ ଆହ୍ୱାନକୁ ପ୍ରତିହିତ କରିବାର ଦର୍ପ ଓ ଦମ୍ଭ ସହ ଆମେ ଆଜି ସ୍ୱାଧୀନ ସାର୍ବଭୌମ, ବୀରତ୍ୱ-ବଳୀଦାନ, ପ୍ରଗତି-ପ୍ରେରଣାର ପ୍ରତୀକ ତ୍ରିରଙ୍ଗା ତଳେ ସଗର୍ବେ ଏକାଠି ହୋଇ ସ୍ୱାଧୀନତା-ସ୍ୱାବଲମ୍ବନ-ସ୍ୱାଭିମାନର ଜୟଗାନ କରୁଛୁ। ଭାରତ ଆଜି ୧୯୬୦ କାଳଖଣ୍ଡରେ ସୀମାବଦ୍ଧ ହୋଇନାହିଁ। ସମଗ୍ର ବିଶ୍ୱରେ ତୃତୀୟ ମହାଶକ୍ତି ରୂପେ ବିଶ୍ୱ ଅତିକ୍ରମଣ କରିବାର କ୍ଷମତା ଏକ ମୁକ୍ତ ବିହଙ୍ଗ ରୂପେ ରଖିପାରିଛି। ନିକଟରେ ଆମେରିକାର ତଥାକଥିତ ଟାରିଫ ଚଡ଼କ କିଛି ବର୍ଗରେ ଭୟ ସୃଷ୍ଟି କରିଥିବାବେଳେ ଭାରତ ଆଜି ଏକ ବିକଶିତ ରାଷ୍ଟ୍ରର ମର୍ଯ୍ୟାଦା ପାଇଛି। ତେଣୁ ଭାରତ କୌଣସି ପ୍ରକାର ବ୍ଲାକମେଲିଂ ବା ଧମକକୁ ଖାତିର କରୁନାହିଁ। ଭାରତର ସ୍ୱାଧୀନତା ଦିବସ ଅବସରରେ ସ୍ୱଦେଶୀ ସାମଗ୍ରୀକୁ ଆଦରି ପରାଧୀନ ସାମଗ୍ରିର ବର୍ଜନ ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଆହ୍ୱାନ ଦେଇଛନ୍ତି ତାହା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ।

୧୯୫୦ ଦଶକରେ ଗୋଷ୍ଠୀ ନିରପେକ୍ଷ ଭୂମିକା ତୁଲାଇଥିବା ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେଉଛି, ଜି-୨୦ର ଅଧକ୍ଷତା କରିଛି ଏବଂ ଆଗାମୀ ଦିନରେ ଅଲିମ୍ପିକ ଓ ଜଳବାୟୁ ଶିଖର ସମ୍ମିଳନୀ ଆୟୋଜନ ଲାଗି ରୂପରେଖ ପ୍ରସ୍ତୁତ କରୁଛି। ସ୍ୱାଧୀନ ସ୍ୱୟଂକ୍ରିୟ ନୀତି ନିର୍ଦ୍ଧାରକ ଭାରତ ଆଉ ଏବେ କାହା ଅନୁମତି ଭିକ୍ଷା କରିବା ସ୍ଥିତିରେ ନାହିଁ। ବିଶ୍ୱର ପରିବର୍ତ୍ତିତ ବହୁଧ୍ରୁବୀୟ ଭୂରାଜନୈତିକ ସମୀକରଣରେ ଭାରତର ଅଭ୍ୟୁଦୟ ଅନ୍ୟ ମାନଙ୍କ ପାଇଁ ଈର୍ଷଣୀୟ ହୋଇଛି ଅଥଚ ଭାରତର ସାର୍ବଭୌମତା, ଅଖଣ୍ଡତା ଓ ଏକତା ତା'ର ଶକ୍ତିରେ ରୂପାନ୍ତରିତ ହୋଇଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, ଯାହାର ସିଂହାଭାଗ ଯୁବଶକ୍ତି। ଏହି ଜନସଂଖ୍ୟକ ବିସ୍ଫୋରଣ ବିଶ୍ୱ ବୈଷୟିକ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଆମେରିକାର ବୃହତ ଆଇଟି ହବ୍ ସିଲିକନ ଭ୍ୟାଲି ଭାରତୀୟ ମେଧା ଭରସାରେ ଚାଲିଛି। ମାଇକ୍ରୋସଫ୍ଟ, ଗୁଗୁଲ, ଆଡୋବର ମୁଖ୍ୟ ଭାରତୀୟ ବଂଶୋଦ୍ଭବ। ଭାରତରେ ସ୍ମାର୍ଟଫୋନ ଓ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ଯଥାକ୍ରମେ ୧୦୦ କୋଟି ଓ ୯୦ କୋଟି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅନଲାଇନ ଆର୍ଥିକ ଦେଣନେଣ ମାଧ୍ୟମ ୟୁପିଆଇ ଆମେରିକାର ଭିଜା ଓ ମାଷ୍ଟର କାର୍ଡ଼କୁ ଟକ୍କର ଦେଉଛି। ଏହି ସଫଳତା ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘକାଳୀନ ନିରନ୍ତର ଯୋଜନାବଦ୍ଧ ପ୍ରୟାସର ପ୍ରତିଫଳନ। ଭାରତ ବର୍ତ୍ତମାନ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ କମ୍ପ୍ୟୁଟିଂ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ସବୁଜ ଶକ୍ତି ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ବିଶ୍ୱର ନିଜକୁ ପ୍ରତିଯୋଗୀକ୍ଷମ ହୋଇପାରିଛି। ମେକ ଇନ ଇଣ୍ଡିଆ କେବଳ ଏକ ସ୍ଲୋଗାନ ହୋଇ ରହିନାହିଁ, ଗୁଗୁଲ, ଆପଲ, ଟେସଲା ଭଳି କମ୍ପାନୀଙ୍କୁ ଭାରତରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିଛି। ନିର୍ମାଣ ଓ ଯୋଗାଣରେ ଭାରତ ଏବେ ଚୀନର ବିକଳ୍ପ ଭାବେ ଉଭା ହୋଇଛି। ଏହା ନିଶ୍ଚିତ ଭାବେ ତ୍ରିରଙ୍ଗା ତଳେ ସ୍ୱାବଲମ୍ବନ ଓ ସ୍ୱାଭିମାନର ଜୟଗାନ କରିବାର ମହାର୍ଘ ମୁହୂର୍ତ୍ତ।

ସବୁଠାରୁ ବଡ଼ କଥା ହେଉଛି ସାମ୍ପ୍ରତିକ ଭୂ-ରାଜନୈତିକ ସମୀକରଣରେ ଉତ୍ତର-ଦକ୍ଷିଣ ବିଶ୍ୱ ଖେଳରେ ଭାରତ ଆଉ ଏକ ମୋହରା ହୋଇନାହିଁ କି କାହାର ଧମକ କିମ୍ବା ଚାପରେ ନିଷ୍ପତ୍ତି ନେଉନାହିଁ। ଭାରତ ବଶମ୍ବଦ ହେବା ପରିବର୍ତ୍ତେ ପ୍ରତିସ୍ପର୍ଦ୍ଧାର ଆସ୍ପର୍ଦ୍ଧା ରଖୁଛି ଏବଂ ନିଜକୁ ବିଶ୍ୱର ମହାଶକ୍ତି ରୂପେ ଉପସ୍ଥାପିତ କରିପାରିଛି। ଭାରତର ବିଶାଳ ଉପଭୋକ୍ତ ବଜାର ଏହାର ଶକ୍ତି, ଯାହା ଆମେରିକୀୟ ଶିଳ୍ପପତି ଏପରିକି ରାଷ୍ଟ୍ରପତିଙ୍କୁ ମଧ୍ୟ ଟାଣି ଆଣିପାରୁଛି। ଭାରତୀୟ ମୁଦ୍ରା ଟଙ୍କାର ବିଶ୍ୱାୟନ ଆରମ୍ଭ ହୋଇସାରିଛି, ଯାହା ଡଲାର ଆଧିପତ୍ୟକୁ ସଂକୁଚିତ କରିବାର ଅପାର ସମ୍ଭାବନା ସୃଷ୍ଟି ହୋଇ ଆମେରିକାକୁ ଭୟଭୀତ କରିଛି। ଭାରତର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥା, ଭାରତର ଅଖଣ୍ଡ ସାର୍ବଭୌମତ୍ୱ ହେଉଛି ଏହାର ଏକତାର ଶକ୍ତି। ପ୍ରତିଟି ଭାରତୀୟ ଆଜି ବିବିଧ ସଂସ୍କୃତି, ବହୁବାଦ, ବହୁମତ, ବହୁପନ୍ଥ ବ୍ୟତିରକେ ନିଜକୁ ଗର୍ବିତ ଓ ଗୌରବାନ୍ୱିତ ମନେ କରନ୍ତି। ଭାରତ ସନାତନ ସଂସ୍କୃତିର ସେହି ମହାନ ବାଣୀ 'ବସୁଧୈବକ କୁଟୁମ୍ବକମ୍'ର ଉଦଘୋଷକ। ତେଣୁ ଭାରତ ଆଜି ସ୍ୱାବଲମ୍ବନର ସନ୍ଦେଶକୁ ଗ୍ରହଣ କରି ଯୁଦ୍ଧ ପ୍ରପୀଡ଼ିତ ବିଶ୍ୱରେ ଭ୍ରାତୃତ୍ୱର ବାର୍ତ୍ତାବହ ଚେତନାର ପ୍ରତୀକ। ଆମ ଅଖଣ୍ଡତା, ଗର୍ବ, ଗୌରବ ଓ ବିଶାଳ ତଥା ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ଚେତନା ପ୍ରଗତିର ପ୍ରତୀକ ତ୍ରିରଙ୍ଗା ତଳେ ଆମେ ସମସ୍ତେ ଏକତାର ମହାମନ୍ତ୍ରରେ ଦୀକ୍ଷିତ ହୋଇ ସ୍ୱାବଲମ୍ବନର ଚେତନାକୁ ବ୍ୟକ୍ତିନିଷ୍ଠ ଜୀବନରେ ଗ୍ରହଣ କରିବା ସହ ଭାରତୀୟତାର ଜୟଗାନ କରିବା ହିଁ ଆମ ପାଇଁ ଶ୍ରେଷ୍ଠ ଓ ଗୌରବମୟ ଆନନ୍ଦର ଅବକାଶ କହିଲେ ଅତ୍ୟୁକ୍ତି ହେବନାହିଁ।

+ଯାଜପୁର ରୋଡ଼, ଯାଜପୁର,
ମୋ: ୯୯୩୮୫୩୬୦୭୬




## ମେଘ ଆସିଛି ଫିଂଟି

**ସୁନନ୍ଦା ମହାନ୍ତି**

କୃଷକ ଖୁସି ଓଦା ମାଆ ମାଟି
ପକ୍ଷୀ ଦୁଃଖୀ ବସା ଓଦା କୁଟା କାଠି
ମଣିଷ ଛାତ ଘର କରି ଉଠି
ଚାଳ ଘର ମାଟି କାନ୍ଥ ଫାଟି
ବାପା ଆଉ ସମ୍ଭାଳିପାରିବେକି ପିଠି
ମାଆ ମାଟି ଶସ୍ୟ ଦେବ ଛାଟି
ପକ୍ଷୀ ପୁଣି ଯୋଗାଡ଼ିବ ଅଠା କାଠି
ମଣିଷର ଛାତରେ ଓଦା ଠ ଠା ଠି
ଚାଷୀ ଦେଖେ ମେଘ କଣ ନକଲା ଏଠି
ମାଟି କାନ୍ଥ ଗଲେ ଫାଟି
କାଟି ବାଟି କୁଟି ମାଆ
ଚାହିଁବ ଆଖି ତରାଟି
ଏତେ ସୁବିଧାରେ ବି ଓଦା ଗନ୍ଧ
କୋଉଠିନା କୋଉଠି ଗଳିଆ ରନ୍ଧ୍ର
ଛାର ମଣିଷର ଆଖି କାନ ପିଠି କାନ୍ଧ
ମେଘ ଲୀଳାଖେଳା କରୁଛି ସବୁଠି
ସକାଳ ଆସେ ଫିଂଟି ଫିଂଟି
ଝରା ଶ୍ରାବଣର ଫୁଲ ଫୁଟି
ଗୁହାଳେ ହମା ହମା ଡାକେ ଉଠି
କୃଷକ ଆକାଶକୁ ଦେଖେ ମିଟି ମିଟି
ବଉଦ କୋଳେ ଶୋଇଛି ନା ଚେଇଁଛି
ମେଘ କଳା ବାଦଲ ଚିତ୍ର ଚୈତ୍ର ଛାଟି
ବୋଉ ତଥାପି ଚାଲିଛି
ବାଟି କୁଟି କାଟି
ପରଷିବ ଦହଡ଼
ତାଟିଆରେ ଆଟିକା ଗୋଟି।

+ସାକ୍ଷୀଗୋପାଳ
ପୁରୀ
ମୋ: ୯୦୪୦୯୭୭୩୨୭

## ତାଙ୍କର କଅଣ ଯାଏ

**ନିରଞ୍ଜନ ସାହୁ**

ଲେଖିଲି କେତେ ମୁଁ ନ ଲେଖିଲି କେତେ
ତାଙ୍କର କଅଣ ଯାଏ
କିଏ କହୁଥାଏ ଦେଖେଇ ଶିଖେଇ
କିଏ ଗାଳି ଦେଉଥାଏ ।
ମୋ ଲେଖାର କିଏ ପ୍ରଂଶସା ବାଢିଲେ
ସିଏ ଯାଉଥାନ୍ତି ଜଳି
ସୁବିଧା ଖୋଜନ୍ତି ମୋହରି ସାଥିରେ
ଲଗାଇବା ପାଇଁ କଳି
ବୁଝି ମୁଁ ପାରୁନି ମୋ ଲେଖାକୁ ନିନ୍ଦି
ସେଥିରୁ ସେ କ'ଣ ପାଏ ?
ଯେତେଦିନ ଯାଏ ଲେଖି ପାରୁଥିବି
ସେ ଯାଏ ଚାଲିବ ଲେଖା
ଲେଖୁଲେଖୁ ନାନା ଚରିତ୍ର ସହିତ
ଲେଖାରେ ହୁଅଇ ଦେଖା
ଲେଖିବା ମୋହରି ଇଚ୍ଛାଧୀନ କାର୍ଯ୍ୟ
ସାହିତ୍ୟର ଗୁଣ ଗାଏ ।
କାହିଁକି କେଜାଣି ପାଠକଙ୍କ ଠାରୁ
ଶତ୍ରୁ ସଂଖ୍ୟା ମୋର ବେଶୀ
ଦୂରଦେଶୀ ଶତ୍ରୁ ଦୂରରେ ଅଛନ୍ତି
ବେଶୀ ଶତ୍ରୁ ଖାଣ୍ଟି ଦେଶୀ
ସତେ କି ତାଙ୍କରି ଭାତଥାଳିକୁ ମୁଁ
ଛଡାଇ ଆଣିକି ଖାଏ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ : ୭୫୯୦୧୬
ମୋ : ୯୯୩୮୭୪୧୫୮୩

# କବିତାମାଳା

## ମୋ ଦେଶ
### ଶ୍ରୀ ଶରତ କୁମାର ଦାସ



ଯୋଉଠି ପବନର ସୁସୁରିରେ
ନାଚନ୍ତି ଆକାଶରେ ଭେଳାଭେଳା ମେଘ
ଅମାବାସ୍ୟାର ଅନ୍ଧାରୀ ଗର୍ଭରେ
ମାଟିଛୁଏଁ ପୁନେଇଁର ଚାନ୍ଦ
'ସତ୍ୟମେବ ଜୟତେ'ର ପବିତ୍ର ଧ୍ୱନିରେ
ମନ୍ତ୍ରମୁଗ୍ଧ ହୁଅନ୍ତି ବିଲ, ବଣ, ପାହାଡ଼ପର୍ବତ;
ସେଇଠି ଲାଖିଛି ମୋ ଅତୁଟ
ଭରସାର ଏନ୍ତୁଡ଼ିଶାଳ
ମର୍ତ୍ତ୍ୟରେ ବୈକୁଣ୍ଠ ମୋ ଦେଶ
ମୋ ଭାରତବର୍ଷ ।

ଯୋଉଠି ଶୂନ୍ୟରୁ ଓହ୍ଲାଇ ଆସେ ବ୍ରହ୍ମନାଦ
ଓଁକାର ଶବ୍ଦରେ ଥରିଉଠେ ପୃଥିବୀର ଛାତି;
ସମ୍ମୋହିତ ସମର୍ପଣର ତୂର୍ଯ୍ୟନାଦରେ
କମ୍ପିଯାଏ ଦେହର ଦେହଳୀ;
ନିରପେକ୍ଷତାର ନୀରିହ ପଣରେ ଜଳୁଥାଏ
ମଥାଟେକି ସ୍ୱାଭିମାନର ସୁରଭିତ ଦୀପ
ସେଇଠି ମୋ ଜନ୍ମ, ସେଇ ମୋ ଜନ୍ମଭୂମି
ସତ୍ୟ-ଶିବ-ସୁନ୍ଦରର ଦେଶ
ମୋ ଭାରତବର୍ଷ।

ଯା' ମଥାରେ ପାଉଥାଏ ଶୋଭା
'ବିଜୟ ମୁକୁଟ'; ରତ୍ନଗର୍ଭା ହିମାଳୟ ଶୃଙ୍ଗ;
ଯା' ପାଦକୁ ଛୁଉଁଥାଏ ନିତି
ସାଗରର ଉତ୍ତାଳ ତରଙ୍ଗ ;
ପାର୍ବଣର ସାତରଙ୍ଗେ ନିଜକୁ ସଜାଇ
ହସୁଥାନ୍ତି କିରିକିରି ନଦନଦୀ,
ସବୁଜ କେଦାର ;
ସେଇଠି ମୋ ଜନ୍ମ, ସେଇ ମୋ ଜନ୍ମଭୂମି
କୋଟି ପୁଣ୍ୟର ଅର୍କକ୍ଷେତ୍ର ଦେବଭୂମି
ମୋ ଦେଶ ମୋ ଭାରତବର୍ଷ ।

ଯେଉଁଠି ଚିମୁଟାଏ ବିଶ୍ୱାସର ମହକରେ
ଚିରୁଡ଼ାଏ ନଶ୍ୱାସ ବାନ୍ଧଇ ଦାନା
ସକାଳରୁ ସଂଜ
ବାଜିଉଠେ ପ୍ରୀତି-ପ୍ରତ୍ୟୟର ପାଞ୍ଚଜନ୍ୟ
ମୃତ୍ୟୁର କବର ତଳେ ଜୀବନ୍ୟାସ ପାଉଥାନ୍ତି
କୁଡ଼କୁଡ଼ ହାଡ଼ ଓ କଙ୍କାଳ;
ଭିନ୍ନତାର ସୁଅ କାଟି ଭେଦିଯାଏ
ଅନ୍ତରରୁ ଅନ୍ତରୀକ୍ଷ
ଶାନ୍ତି ଓ ମୁକ୍ତିର ଚିରନ୍ତନୀ ଅର୍ଘ୍ୟ ;
ସେଇଠି ମୋ ଜନ୍ମ, ସେଇ ମୋ ଜନ୍ମଭୂମି
ଅସୁମାରୀ ସ୍ୱପ୍ନର ଅରୁଣୋଦୟ,
ମୋ ଦେଶ ମୋ ଭାରତ ବର୍ଷ ।

ଯହିଁ କୋଟିସୂର୍ଯ୍ୟ ସମ ଦିଶୁଥାଏ ଚକମକ
ଆଧ୍ୟାତ୍ମିକତାର ଅନ୍ତର୍ଭେଦୀ ଅମ୍ଳାନ ଅସ୍ତିତ୍ୱ
ବିଶ୍ୱସଂସ୍କୃତିର ବଳିଷ୍ଠ ବୈଭବରେ
ବିମଣ୍ଡିତ ଯାହାର ଆପାଦମସ୍ତକ ;
ମାଟିର ମଲାଟରେ ଝଲସିଉଠେ ଯହିଁ
ନିର୍ବାଣର ମହାମୃତ୍ୟୁଞ୍ଜୟୀ ମନ୍ତ୍ର
ସେଇଠି ମୋ ଜନ୍ମ, ସେଇ ମୋ ଜନ୍ମଭୂମି
ନିଆରା ତା' ପରିଚୟ, ନିଆରା ତା' ଉଚ୍ଛ୍ୱାସ
ବିଶ୍ୱଭ୍ରାତୃତ୍ୱର ପୂଜାବେଦୀ ଆର୍ଯ୍ୟଭୂମି
ମୋ ଦେଶ ମୋ ଭାରତବର୍ଷ ।

❤ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଆକାଶ ଥରିଲେ
### ବିଜୟଲକ୍ଷ୍ମୀ ପାଣିଗ୍ରାହି



ହାସକୁରା ଆକାଶରେ
ସ୍ୱପ୍ନ ସବୁ ତାରାଫୁଲ
ଗତିଶୀଳ ମେଘମାଳାରୁ
ସମୟର ସ୍ଥିରଚିତ୍ର
ଉତ୍ତୋଳନ କରି ପାରିଲେ ହେଲା।
କାହିଁକିନା ସାପ କାତି ଛଡ଼ାଇବା ଭଳି
ଏଠି ସବୁ ପ୍ରତିଶ୍ରୁତି ଆଉ ନିର୍ଭରତା ।

ଆକାଶ ଆଖି ଦେଖାଇଲେ
ସଚରାଚର ଥରେ
ଅନ୍ଧାରଭେଦି ଆଲୋକ ବି
ଭୀମରୂପ ଧାରେ।
ପଲକର ଚିରୁଡ଼ାଏ ରାହାରେ
ଚମକି ଉଠେ ବସୁନ୍ଧରା ବକ୍ଷ।

ଆକାଶ ଚିତ୍କାର କଲେ
ତା' ରଡ଼ିରେ ମାଟି ଦୁଲୁକେ
ପ୍ରାଣରେ ଛନକା ପଶେ
ନିରୁତା ନିରବତାର ଆସ୍ତରଣ ତଳେ ଥିବା
ଶୀତଳ ଶିଖାରେ ଉତ୍ତାପ ବଢେ।

ଆକାଶ ଥରିଲେ
ବରଡ଼ା ପତ୍ରରେ
ଦୋହଲା ଜୀବନ।
ସୁଖଦୁଃଖ, ଭଲମନ୍ଦ, ହସକାନ୍ଦକୁ
କପାଳରୁ ପୋଛିଦେଇ
ବିଭସ୍ତ ହୋଇଉଠେ
କଳ୍ପିତ ସ୍ୱର୍ଗର ନକ୍ସା।

❤ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

## ପାଦ
### ଡ. ଦୀପକ କୁମାର ମିଶ୍ର



କଣ୍ଟା ଲଗାଅ କି କଦମ୍ବ,
ବର୍ଷା ବିଛାଅ କି ବସନ୍ତ
ମତେ ତ ଚାଲିବାର ଅଛି
ସବୁ ଋତୁ ଅଋତୁମାନଙ୍କୁ ଘୁଙ୍ଗୁରରେ ବାନ୍ଧି
ଶାଣିତ ଓ ଶୋଣିତ ମିଶା
କ୍ଷିପ୍ର ପାହୁଣ୍ଡରେ ।

ପଥ ଓ ପାଦକୁ ଏକାକାର କଲି
ଲଗ୍ନ ଓ ଲକ୍ଷ୍ୟକୁ
ଯୋଡ଼ିଦେଲି ନିପୁଣତାର ଅଦ୍ଭୁତ ଅଭ୍ୟାସରେ
ବିନ୍ଧିଦେଲି ମାଛର ଆଖି, ପକ୍ଷୀର ଛାତି
ମଣିଷର ମନ, ନିଶିଥର ସୁଖ
ଏବେ ଫେରୁଚି ଦିଗବଳୟକୁ ଛୁଇଁ
ଯେଉଁଠି ଥିଲା ଏକ ନିରୁତା ଖାଲିପଣର କାନ୍ଥ
ଆଉ ଯାହା ଉପରେ ଲେଖାଥିଲା
ଶିଉଳିର ଅକ୍ଷରରେ ମାଲମାଲ ଦୁଃଖ ଆଉ
ଦୁଃଖ ।

ଏବେ ଥକି ଯାଇଥିଲା ପାଦ
ଶୋଇ ପଡ଼ିଥିଲା ପଥ
ମସ୍ତିଷ୍କ ସହିତ ସମସ୍ତ ସମ୍ପର୍କ ଛିନ୍ନ କରି
ଫେରୁଥିଲା କେଉଁ ଏକ ଭୁଲ ଦିଗନ୍ତରୁ
ନିର୍ଜନତାର ଶୂନ୍ୟ ଗୀତଟିଏ ଗାଇ
ଶାନ୍ତ୍ୱନାର ସିଂଫୋନିଟିଏ ବୋଲି
ମୃତ୍ୟୁ ଓ ମୋରମରକୁ ଗୋଳେଇ
ଗାଢ଼ ନାଲିରଙ୍ଗର ଗାଲିଚାରେ
ଟିକେ ଛାଇ ନିଦ ପାଇଁ ।

ମତେ ପାଉଁଜିରେ ଛନ୍ଦ, କି ବାନ୍ଧିଦିଅ ଲୁହାର
ବେଡ଼ିରେ
ମୁଁ ଯେଉଁପଟେ ଯିବି
ସେଇପଟେ ହିଁ ଗଢ଼ି ଦେଇଯିବି
ଇତିହାସର ଗର୍ଭକୁ ନୂଆ ଏକ ରାସ୍ତା ।

❤ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦



## ମୁଁ- ଏକ ଅର୍ନ୍ତନାଦ
### ସ୍ୱାଗତିକା ତରାଇ



ମୁଁ ଏକ ଅଦୃଶ୍ୟ ଆଲୋକର ଆକାଂକ୍ଷା,
ନିଜର ଅନ୍ତରାଳରେ ଲୁଚିଥିବା ଅସୀମ ଅଭିଳାଷା ।

ମୁଁ ହେଉଛି ଚନ୍ଦ୍ରବଦନୀ ରାତିର ଅଶାନ୍ତ ଅନୁଭବ,
ସ୍ମୃତିର ପତ୍ରେ ଲେଖା ଅଜଣା ପ୍ରେମର ଅଭିନବ ଗଦ୍ୟପଦ ।

ମୁଁ ନୁହେଁ କେବଳ ଏକ ନାମ,
ମୁଁ ହେଉଛି ଆତ୍ମାର ଅଦୃଶ୍ୟ ପରିଚୟର ଓଡ଼ିଆ ନାଟ୍ୟଗୀତ ।

ମୋ ମନରେ ଅଛି ଗୋଟିଏ ପଦର ଶୃଙ୍ଗାର,
ଯାହା ଅନ୍ତରର ଅନୁରାଗକୁ କରେ ଉଦ୍ଭାସିତ ।

ମୁଁ ହେଉଛି ନୀଳ ଧୈର୍ଯ୍ୟ ଆକାଶର ଏକ ପକ୍ଷୀ,
ମୁଁ ହେଉଛି ଅନ୍ତରର ଶବ୍ଦହୀନ ଅସହାୟ ହୁଙ୍କାରି ।

ମୁଁ ଟଳମଳ ହୁଏ ହିଂସା ଜନିତ ଜଙ୍ଗଲରେ,
ଲେଖା ଜୀବନର ଗୀତିକା ଅପେକ୍ଷାର କାଠ ଉପରେ ।

ମୁଁ ଶବ୍ଦ ନୁହେଁ- ଏକ ସଂଘର୍ଷର ଚିତ୍କାର,
ଅସଂପୂର୍ଣ୍ଣ ଥାଇବି ମୁଁ ଏକ ଅବିସ୍ମୃତ ହସ ।

❤ଜେଲ୍ ରୋଡ୍, ବାଲେଶ୍ୱର
ମୋ:୭୯୭୮୨୦୪୨୯୧

## କଟକର ଗୋଟେ ପରିଚୟ
### ନୀଳମଣି ଚାନ୍ଦ



ବାଲିଯାତ୍ରା, ତାରକସି କାମ
ଖୋକାଭାଇଙ୍କ ଗୀତ ପରି
କଟକର ଗୋଟେ ପରିଚୟ
ରଘୁଦହିବରା
କେବେଠୁଁ ଥିଲା ଏବେ ରହିଛି
ଆଗକୁ ରହିବ ମଧ୍ୟ।

ବିଡାନାସୀ ଗୋପାଳ ସାହିର
ରଘୁ ସାସମଲ
ଯା ପାଇଁ ଦହିବରା ପ୍ରସିଦ୍ଧି ଲାଭ କଲା
ପ୍ରଶଂସା ସାଉଁଟିଲା
ଲୋକପ୍ରିୟ ହେଲା
ତା ଜୀବନର ଚଉଷ୍ଠୋରି ବର୍ଷର
ଅନେକ ଗାଥା
ଇତିହାସ ହୋଇଗଲା
ଏ ଭିତରେ ସେ ଆମଠୁଁ ବିଦାୟ ନେଲା ।

ଦହିବରା,ଆଳୁଦମ୍
ପେଡା ବି ଥାଏ
ପ୍ଲେଟ୍ ଦର ଅଣାଏରୁ ବଢ଼ି
ଏବେ ପହଞ୍ଚିଛି ଷାଠିଏ ଟଙ୍କାରେ
ଶାଳପତ୍ର ଦନା
ଓ ଗୋଲମରିଚ ଗୁଣ୍ଡରେ
ମହମହ ବାସୁଥାଏ ତା ଦହିବରା
ବିଡାନାସୀ ବନ୍ଧରେ ଭିଡ଼
ଘଣ୍ଟେ ଦିଘଣ୍ଟାରେ ସବୁ ଶେଷ
ନ ଦେଖିଲା ନ ଚାଖିଲା ଲୋକଙ୍କୁ
ଇଏ କାହାଣୀ ପରି
ହେଲେ ଇଏ ସତ ପରି ସତ୍ୟ।

ଦହିବରା ଥିବା ଯାଏ
କଟକ ଥିବା ଯାଏ
ସେ ବାଇମୁଣ୍ଡି ପରି ରହିଥିବ
ସ୍ମୃତିରେ ଓ ଚର୍ଚ୍ଚାରେ।

❤ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ଦଶଟି ଏକପଦୀ
### ଡ.ଭରତ ଚନ୍ଦ୍ର ଦାଶ



ମୁକ୍ତକେଶ ତୁମ ସ୍ନିଗ୍ଧ କୋମଳ
ଓଠରେ ହସର ଧାର
ଗଉରାଙ୍ଗୀ ବାଳା ଚାରୁ ରମ୍ୟ କଳା
ପ୍ରୀତିର ପୀୟୂଷ ଝର ।

॥ ଦୁଇ ॥
ମୁଁ ଏମିତି ସଖି ନିରନ୍ତରେ ତୁମ
ଫେରିବା ପଥକୁ ଚାହିଁ
ପାରିଥିବି ଶେଯ କୁସୁମେ ସଜାଇ
ପ୍ରୀତିର ଆଶ୍ଳେଷ ପାଇଁ ।

॥ ତିନି ॥
ନିରବତା ତୁମ ବାଧେ ମୋ ମରମ
କହିତ ପାରେନି ସଖି
ମୋ ହୃଦୟେ ଜ୍ୱାଳା ପ୍ରୀତି ସମୁଜ୍ଜ୍ୱଳା
ପାରିଛକି କେବେ ଦେଖି ।

॥ ଚାରି ॥
ମୁଁ ଜଳୁଛି ସଖି ବିରହାନଳରେ
ଜ୍ୱଳନରେ ମୋର ସୁଖ
ଭଲ ପାଉଥିଲି ତୋତେ ଲୋ ରୂପସୀ
ନିରବତା ଦିଏ ଦୁଃଖ ।

॥ ପାଞ୍ଚ ॥
ଅନନ୍ୟ ତୁମର ରୂପ-ରଙ୍ଗ-ରାଗ
ଅରୂପରେ ରୂପ ଧରି
ଗୌରାଙ୍ଗୀ ଗୋ ତୁମ ତନୁ-କୃଷ୍ଣ-ବାସେ
ଅତନୁରେ ହୁଏ ଘାରି ।

॥ ଛଅ ॥
ଦେଖିଛ କି ତୁମେ ରୂପର ଲାବଣ୍ୟ
ଅଧରେ ମଧୁର ଝର
କମନୀୟ ତୁମ ନିତମ୍ବ ଗଢ଼ଣ
ଚାହାଣି ପ୍ରୀତିର ଧାର ।

॥ ସାତ ॥
ମୋ ପ୍ରୀତି ଅଧରୁ ହସ ଯେ ହଜିଛି
ସପନ ଆଖିରେ ନାହିଁ
ଏ ପ୍ରକାର ଭାବ ପ୍ରୀତିରେ ବିରାଗ
ଦେଖିନାହିଁ ଦେଖିନାହିଁ ।

॥ ଆଠ ॥
ଶ୍ରୀତନୁର ରଙ୍ଗ ନିନ୍ଦୁଛି ଅନଙ୍ଗ
ଶୁଭ୍ରବାସ ବାସେ ଦେହେ
ମୃଦୁମନ୍ଦ ହସ ପ୍ରୀତିର ସୁବାସ
ମିଳନର କଥା କହେ।

॥ ନଅ ॥
ଶୁଭ୍ର ସୁଭାଗିନୀ ପ୍ରୀତିର ? ରାଗିଣୀ
ତୋଳେ ଅଧରର ହସ
ପ୍ରଣୟୀ ତୁମର ରଚେ ମଧୁ ସ୍ୱର
ମଧୁକ୍ଷରା ମଧୁ ରାସ ।

॥ ଦଶ ॥
ନିଶୀଥରେ ତୁମେ ଦିବସରେ ତୁମେ
ତୁମେ ହିଁ ତ ତୁମେମୟ
ମୋ ନୟନେ ତୁମେ ପ୍ରୀତିର ଅଞ୍ଜନ
ପ୍ରୀତିମୟ ପ୍ରୀତିମୟ ।

❤ପ୍ରାକ୍ତନ ସଦସ୍ୟ, ଓଡିଶା ସାହିତ୍ୟ
ଏକାଡେମୀ
ମାର୍କୋଣା, ବାଲେଶ୍ୱର-୭୫୬ ୧୨୬
ମୋ: ୮୯୮୪୪୩୯୧୬୬

## ଦେଖାହେଲେ କହିବି ସେକଥା
### ପ୍ରଶାନ୍ତ କୁମାର ଦାଶ



ଏକା ଏକା ଏସହର
ନିଛାଟିଆ ରାତି
ମନପଡେ ତୁମକଥା
ଲିଭିଗଲେ ବତି ।।
ଭଙ୍ଗାମନ ମଲାଜହ୍ନ
ନାଶେ ଅନୁରାଗ
ଲାଗେ ସତେ ଏ ସହର
ବଦଳାଏ ରଙ୍ଗ ।।
ତମେତ ଲୁଚିଛ ପ୍ରିୟା
ସୁଖ ଶିରୀ ମୋର
ଅବେଳରେ ଝରିପଡେ
ଆଖି ଲୁହଧାର ।।
ଭାବିଥିଲି ପାଇଯିବି
ଏ ସହରେ ସୁଖ
ରାତି ସାଜି ମାୟାବିନୀ
ଦିଏ ଖାଲି ଦୁଃଖ ।।
ଖାଲି ଏଠି ରଙ୍ଗକୋଠା
ନାହିଁ ଲତାତରୁ
ଲାଗେ ଏଠି ଜୀବନଟା
ତୁମବିନା ମରୁ ।।
ରଜନୀଗନ୍ଧାର ବାସ
ନାହିଁ କଇଁ କିଆ
ଚାଲେନାହିଁ ପ୍ରୀତି ରାସ
ମନ ଦିଆ ନିଆ ।।
କେମିତି ବଞ୍ଚିବି କୁହ
ଏ ସହରେ ଏକା
ଯେତେ ଖୋଜିଲେବି ଆଉ
ମିଳୁନାହିଁ ଦେଖା ।।
ଦେଖାହେଲେ ପ୍ରିୟତମା
କହିବି ସେ କଥା
ମରି ଜିଇଁ ଏ ଜୀବନେ
ପାଇଛି ଯେ ବ୍ୟଥା ।।

❤କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## କଷଣ ଭୋଗନ୍ତି ଭବେ
### ମୋହନ କୁମାର ସ୍ୱାଇଁ



ପ୍ରକୃତିକୁ ଥରେ କବି ପଚାରିଲା
ଦେଖି ସମାଜର ଛବି
ଛୋଟ ବଡ଼ର ଏ ଭେଦଭାବ କାହିଁ
କରିଛ କଣ୍ ଭାବି ?

ଧରଣୀ କହିଲା ମୋ ପାଖରେ କେହି
ଛୋଟ କିମ୍ୱା ବଡ଼ ନାହିଁ
ସଭିଙ୍କୁ ଜନମ ଦେଇଛି ନିଜେ ମୁଁ
ମରିବେ ପାଉଁଶ ହୋଇ ।

ପବନ କହିଲା ଯେବେ ମୁଁ ଚଳଇ
ସମାନ ପବନ ଦିଏ
ଧନୀ ଗରିବ କି ଛୋଟ ବଡ଼ ବାଧା
ରୋକି ପାରିବନି କିଏ ।

ପାଣି କହିଲା ମୋ ଧରମ ହେଉଛି
ଉପରୁ ତଳକୁ ଯିବା
ଜୀବନ ଦେବି ମୁଁ ଜୀବନ ନେବି ମୁଁ
ବୁଢ଼ା ହେଉ କିମ୍ୱା ଯୁବା ।

ସୁରୁଜ କହିଲା ଚବିଶ ଘଣ୍ଟା ମୁଁ
କାମରେ ରହିଛି ଲାଗି
ସଭିଙ୍କୁ ବାଣ୍ଟୁଛି ସମାନ କିରଣ
ପାପୀ ହେଉ କିମ୍ୱା ଯୋଗୀ ।

ଦୁନିଆକୁ ଯିଏ ଚଳାଉ ଅଛନ୍ତି
ଭାବନ୍ତିନି ଛୋଟ ବଡ଼
ମଣିଷ ଆମର ବାନାଉଛି କାହିଁ
ତୁଛା ଟାରେ କଣ୍ଟା ବାଡ ??

ଗର୍ବ ଅହଙ୍କାର ଯାହା ଆରଜିବେ
ସବୁ ଛାଡ଼ି ଦେଇ ଯିବେ
ତୁଛାଟାରେ ମୋରମୋର କହି ଲୋକେ
କଷଣ ଭୋଗନ୍ତି ଭବେ ।

❤ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

## ଶେଫାଳୀ ପ୍ରତି ମୋ ଆସକ୍ତି
### ତୃପ୍ତିରାଣୀ ପାତ୍ର



ରାତିର ରାଣୀ ସେ ଶେଫାଳୀ ମଣି
ରାତିରେ ଫୁଟି ସେ ମହକକୁ ଦିଏ ବୁଣି
ତା'ନାମେ ରହିଛି ପ୍ରୀତି କାହାଣୀ
ବାସରାଣୀ ବୋଲି କିନ୍ତୁ ନାହିଁ ଫୁଟାଣି ।
ରଜନୀ ଆଦରି ଫୁଟେ ସେ ପୁଣି
ସୁରୁଜ କିରଣ ପଡିବ ସଅଳ ଜାଣି
ବେଳରୁ ପଡେ ସିଏ ଝାଉଁଳି
ମନ ଭୁଲାଣିଆ ସୁବାସ ବୁଣି
ଆନନ୍ଦ ମନରେ ହସଇ ପୁଣି ।
ଧରାପରେ ରହିବାକୁ ଦେଇଛନ୍ତି
କ୍ଷଣକାଳ ତା'ପାଇଁ ରଖିଛନ୍ତି ବିହି
ସତେ କି ତାହାର ମନଟି ଜାଣି
ନେଇଛନ୍ତି ତା'କୁ ଆଦରେ କିଣି ।
ତଥାପି ସୁବାସେ ସଭିଙ୍କୁ ମୋହି
ନିଜର ଅତର ଦିଏ ବୁହାଇ
ଘନ ଅନ୍ଧାରେ ତାରା ଫୁଲଟେ ହୋଇ
ଆଭା ବିଭା ଶୋଭା ଦିଏ ବଢ଼ାଇ
ଶୁଭ୍ର କମଳା ରଙ୍ଗେ ପ୍ରୀତି ରମଣୀ ।
ଆକାରରେ ଛୋଟ ବୋଲି ଦୁଃଖ ତା'ନାହିଁ
ମନ୍ଦିର ଦର୍ଶନେ ବଡ଼ ପ୍ରୀତ ସେ ତହିଁ
ଟିକି ହେଲେ ମଧ୍ୟ ମନ ବୃନ୍ଦାବନ
ଭାରି କୋମଳ ନିର୍ମଳ ସୁମନ ସେହି ।

ଭାଦ୍ରବ ମାସର କାଶତଣ୍ଡୀ ତା'ସାଥୀ
ଆହା କି ସୁନ୍ଦର ତା'ଫୁଲ ମାଳଟି
ମାଳିପରି ଝଟକେ ଗଳାରେ ରହି
ଶେଫାଳି କୁସୁମ ଭଳି ମହକ ବୁଣି
ତହିଁ ପରି ଆଦର ପ୍ରୀତିକୁ ବାଣ୍ଟି
ନିତି ଫୁଟି ଫୁଟି ସୁବାସ ଦିଏ ସେ ଭେଟି ।
ଜଗତେ ସଭିଏଁ ପ୍ରେମେ ଆଦର କରି
ଶରତେ ଶେଫାଳୀ ଫୁଲର ମହକ ଭରି
କହି ଦେଉଥାଏ ପ୍ରତି କାନରେ ଯାଇ
ବଡ ସାନ କେହିନୁହେଁ ଏଠାରେ ଭାଇ
ଆଜିର ଜୀବନ କ୍ଷଣିକ ପାଇଁ
ଗର୍ବ ଗାରିମା ମାଟିରେ ମିଶିଯିବ ଯେ ତହିଁ
ମଧୁ ମହକେ ବିଶ୍ୱେ ବାର୍ତ୍ତା ଦିଏ ପ୍ରସାରି ।

❤ ସହଦେବଖୁଣ୍ଟା, ବାଲେଶ୍ୱର

# କୋର୍ଟ ନିର୍ଦ୍ଦେଶକୁ ଅବମାନନା : ସିଲ୍ ହେଲା ବେଆଇନ ଦୋକାନଗୃହ



ନୀଳଗିରି , ୧୮/୦୮ (ନି.ପ୍ର): ବାଲାଜୀ ହନୁମାନମନ୍ଦିର ଭାଙ୍ଗି ଦେବୋତ୍ତର ଜମିରେ ବେଆଇନ ଦୋକାନଗୃହ କରିବା, ଏବଂ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ଅବମାନନା କରିବା ଏବଂ ନିଜ ଜିଦ୍ ରେ ଅଟଳରହିବା ଫଳରେ ଶେଷରେ ଦୋକାନଗୃହ ଗୁଡିକରେ ପ୍ରଶାସନ ତରଫରୁ ତାଲା ଲଗାଯାଇ ସିଲ କରାଯାଇଛି । ସୂଚନା ଅନୁଯାୟୀ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ କରି ନୀଳଗିରି ଗୁଣ୍ଡିଚାମନ୍ଦିର ପାର୍ଶ୍ୱରେ ବାଲାଜୀ ହନୁମାନଙ୍କ ମନ୍ଦିର ପାର୍ଶ୍ୱରେ ପୁରୁଣାମନ୍ଦିର ଭାଙ୍ଗି ନୂତନମନ୍ଦିର ନିର୍ମାଣ ବାହାନାରେ ଦୁଇମହଲା କୋଠା କରି ଦୋକାନଗୃହ କରି ଫାଇଦା ନେଉଥିଲେ ।ଏହାକୁ ବିରୋଧ କରି ବାଲିଗୋହିରୀ ଅଞ୍ଚଳର ଜଗବନ୍ଧୁ ମୁନି ନାମକ ଜୈନିକ ବ୍ୟକ୍ତି ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ସୂଚନାଯୋଗ୍ୟ ରାଜ୍ୟ ଦେବୋତ୍ତରବିଭାଗ ଅଧୀନରେ ନୀଳଗିରିରେ ଥିବା ବାଲାଜୀ ମଠ ବା ହନୁମାନ ମଠରେ ୨୦୦୪/୦୫ ମସିହାଠାରୁ ଟ୍ରଷ୍ଟ ବୋର୍ଡ଼ ପୁନଃ କାର୍ଯ୍ୟକ୍ଷମ ହୋଇନଥିଲା । ଉଲ୍ଲେଖ କରାଯାଇଥିଲା ଯେ, ଦେବୋତ୍ତର ବିଭାଗର ବିନା ଅନୁମତିରେ ପ୍ଲଟ ନଂ ୯୫, ଖାତା ନଂ ୧୨୯/୧ ସାନଅତା ମୌଜାରେ ଥିବା ଠାକୁର ସମ୍ପତ୍ତିକୁ ଭଙ୍ଗାଯାଇ ସେଠାରେ ଦୁଇ ମହଲା କୋଠାନିର୍ମାଣ ପାଇଁ ପୁରୁଣା ମନ୍ଦିରକୁ ଭାଙ୍ଗି ନୂତନମନ୍ଦିର କରାଯିବା ସହ ସେଠାକୁ ଠାକୁରଙ୍କୁ ସ୍ଥାନାନ୍ତର କରାଯାଇଛି । ଏପରିକି ବ୍ୟାବସାୟିକ ମନୋବୃତ୍ତିରେ ଦୁଇମହଲା କୋଠା କରାଯାଇ ଲୋକଙ୍କ ଠାରୁ ବେଆଇନ ଭାବେ ମୋଟାଅଙ୍କର ଅର୍ଥନେଇ ଘର ଦେଇଥିଲେ ।ଯାହା ଦେବୋତ୍ତର ବିଭାଗର ଅଗୋଚରରେ ହୋଇଛି । ଗୃହ ନିର୍ମାଣରେ ଅନୁମୋଦନ ପତ୍ର, ପ୍ଲାନ ଏଷ୍ଟିମେଣ୍ଟ, ଏମ.ବି. ବହି, ଗୃହ ନିର୍ମାଣରେ ଟ୍ରଷ୍ଟବୋର୍ଡ଼ ପଞ୍ଜିକରଣ କାଗଜପତ୍ର ପ୍ରଭୃତି ଦାଖଲ କରାଯାଇନଥିଲା । ତରବରିଆ ଭାବେ ଏଠାରେ ଗୋଟିଏ ଔଷଧ ଦୋକାନ, ୨ଟି କୋଠରୀରେ ପଥର ବାସନ ଦୋକାନ, ଗୋଟିଏରେ ହାର୍ଡୱେର ଷ୍ଟୋର ୧୨ଟି ଦୋକାନ ଏବଂ ଉପରମହଲା ଓ ତଳମହଲାରେ କେତେ ଜଣ ମୁଷ୍ଟିମେୟ ଲୋକଙ୍କ ନାଁରେ ଚୁକ୍ତିଭିତ୍ତିକ କୋଠରୀ ଦାଖଲ କରାଯାଇଛି । ବାଦବିବାଦ ପରେ ଗତ ଜୁଲାଇ୨୪ ତାରିଖ ଦେବୋତ୍ତର କମିଶନର ଏବଂ ସହକାରୀ କମିଶନର ଉକ୍ତ ଦୁଇମହଲା କୋଠା ନିକଟରେ ପହଞ୍ଚି ଅନୁଧ୍ୟାନ କରିବାସହ ନୀଳଗିରି ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।୧୬/୮/୨୫ରିଖ ଅପରାହ୍ନ ୧, ୩୦ମିନିଟ ସୁଦ୍ଧା ଦୋକାନ ଗୃହରୁ ସମସ୍ତ ଆସବାପତ୍ର କାଢ଼ି ନେବାକୁ ବିଚାରପତି କେ.ଆର ମହାପାତ୍ର ଓ ସାବିତ୍ରୀ ରଥ ନିର୍ଦ୍ଦେଶ ଦେଇଥିଲେ । ଦେବତ୍ତର କମିଶନରଙ୍କ ନିର୍ଦ୍ଦେଶରେ ଗତ ଅଗଷ୍ଟ ୭ତାରିଖ ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ର ଦେବୋତ୍ତର ଇନ୍ସପେକ୍ଟର ଦେ୍ବବ୍ରତ ବିଶ୍ୱାଳ ନୀଳଗିରିରେ ପହଁଚି ୧୨ଟି ବେଆଇନ ଦୋକାନକରିଥିବା ମାଲିକଙ୍କ ମଧ୍ୟରୁ ୯ନୋଟିସ ନେଇଥିଲା ବେଳେ ୩ଜଣ ନୋଟିସ ନନେବାରୁ ତାଙ୍କ ଦୋକାନଗୃହରେ ନୋଟିସ ଟଙ୍ଗା ଯାଇଥିଲା । ଶେଷରେ କଣ୍ଟ ପୁରିଲା । ଶନିବାର ୧୬ତାରିଖ ୧.୩୦ପରେ ଉକ୍ତ ଗୃହରେ ପ୍ରଶାସନ ସିଲ୍ କରିଥିବା ଜଣାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ସମୟରେ ଦେବୋତ୍ତରବିଭାଗର ସହକାରୀ କମିଶନର ପ୍ରକାଶ କର, ଦେବବ୍ରତ ବିଶ୍ୱାଳ, ଡିଭିଜନାଲ ଇନ୍ସପେକ୍ଟର ଦେବଦର୍ଶୀ ପଟ୍ଟନାୟକ, ସ୍ଥାନୀୟ ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ , ଏଏସଆଇ ଶ୍ରୀନିବାସ ରାଉତଙ୍କ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଏହି ସିଲ୍ କରାଯାଇଥିବା ସୂଚନା ମିଳିଛି ।

# ସ୍ୱାଗତ ଗେଷ୍ଟ ହାଉସରେ ସିପିଏଲ ନିଲାମି ଅନୁଷ୍ଠିତ

ଚମ୍ପୁଆ, ୧୮/୦୮ (ନି.ପ୍ର): ଚମ୍ପୁଆ ସ୍ୱାଗତ ଗେଷ୍ଟ ହାଉସଠାରେ ଚତୁର୍ଥ ପ୍ରିମିୟର ଲିଗ (ସିପିଏଲ) ନିଲାମି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଜେପି ଏନଏସି ସଭାପତି ସନ୍ତୋଷ ସାହୁ, ସିପିଏଲ ସଭାପତି ଅରୁଣ ପତି, ସମ୍ପାଦକ ପବିତ୍ର କୁମାର ନାୟକ, ସାମ୍ବାଦିକ ପ୍ରଦୀପ ପ୍ରଧାନ, ମହେଶ୍ୱର ଦାସ, ଆବିଦ ଆନସାରୀ, ମାନବ ଅଧିକାର କର୍ମୀ ଏମଡି ମୁସତାକ, ଏମଡି ହାବ, ଏମଡି ବାବୁ, ସର୍ଫରାଜ ଆଲାମ, ଏମଡି ଜସିମ ଆଖତାର, ସଦାମ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଆଠଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ପ୍ରତି ଦଳରେ ପନ୍ଦର ଜଣ ଲେଖାଏଁ ଖେଳାଳି ଏପରି ୧୨୦ ଖେଳାଳିଙ୍କୁ ଏଥିରେ ନିଲାମିରେ ନିଆଯିବାକୁ ସ୍ଥିର କରାଯାଇଥିଲା । ଏଥିରେ ପ୍ରାୟ ୧୫୦ ଜଣ ଖେଳାଳି ପଞ୍ଜିକରଣ କରିଥିଲେ । ସ୍ଥାନୀୟ ଖେଳାଳି ଏବଂ ଜିଲ୍ଲା ବାହାର ଓ ପ୍ରଦେଶ ସ୍ତରର ଖେଳାଳିଙ୍କୁ ନିର୍ଦ୍ଧାରିତ ଦରରେ ଟିମ ନିଲାମ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଏଥିରେ ମାଲିକ ସାୟାନ ଏକାଦଶର ସଦାମ, ମାରୁତି ଏକାଦଶର କାଳିଚରଣ, ଅମାନତ ଏକାଦଶର ଏମଡି ମୁସତାକ, ଏକେଏଫ କ୍ଲବର ସନୁ, ଏସଏଫସି ଜୟନ୍ତିଗଡ ଏକାଦଶର ସନୁ, ଏସଏଫସି ୱାରିୟର ଏକାଦଶ ସୌରଭ, କେଏଚ ଫ୍ରୁଟ୍ ଏକାଦଶ ଖଲିଦ, ଆରୁଷ ଏଣ୍ଡ ବିନ୍ଦାସ ଏକାଦଶର ଆମଜାଦ ଏଣ୍ଡ ସାହାବାଜ ପ୍ରମୁଖ ଏହି ଆଠଟି ଟିମ ଏଥିରେ ଅଂଶ ଗ୍ରହଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଏମଡି ଫାଇମ ଖାନ, ତଜମିଲ ଆଲାମ, ଜାକି ଅହମ୍ମଦ, ହାମରାଜ, ତକମିଲ ଆଲାମ, ବୁଲବୁଲ ଭାଇ, ଏମଡି ଆମିର, ଏମଡି ଜବ୍ବର ପ୍ରମୁଖ ପରିଚାଳନାରେ ସହଯୋଗୀତା କରିଥିଲେ । ଉକ୍ତ କ୍ରିଡ଼ା ଆସନ୍ତା ସେପଟ୍ମ୍ବର ମାସରେ ହେବାକୁ ଥିବା ନେଇ ସଭାପତି ଅରୁଣ ପତି ସୂଚନା ଦେଇଛନ୍ତି ।

# ୨୨ତମ ତମ କନ୍ଧମାଳ ଜିଲ୍ଲା କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ

କନ୍ଧମାଳ, ୧୮/୦୮ (ନି.ପ୍ର): କରୋନେସନ ପଡିଆ ସ୍ଥିତ ଅଥଲେଟିକ ଇଣ୍ଡୋର ହଲ ଠାରେ ୨୨ତମ କଲର ବେଲ୍ଟ ପରୀକ୍ଷା କନ୍ଧମାଳ ଜିଲ୍ଲା ତାଏକୋଣ୍ଡୋ ସଙ୍ଘ ଓ ଫୁଲବାଣୀ ମାର୍ଟଲ ଆର୍ଟ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ୫୦ ଜଣ ଖେଳାଳି ଧଳା ବେଲ୍ଟ, ହଳଦିଆ ବେଲ୍ଟ, ନୀଳ ବେଲ୍ଟ, ସବୁଜ ବେଲ୍ଟ,ନାଲି ବେଲ୍ଟ କଲର ବେଲ୍ଟ ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ । ପରୀକ୍ଷା ଶେଷରେ ୧୦ ଜଣ ବ୍ଲାକ ବେଲ୍ଟ ଖେଳାଳିମାନଙ୍କୁ ଦକ୍ଷିଣ କୋରିଅ ସ୍ଥିତ ବିଶ୍ୱ ଟାଏକୋଣ୍ଡୋ ଏକାଡେମୀରୁ ଆସିଥିବା ବ୍ଲାକ ବେଲ୍ଟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଓଡିଶା ତାଏକୋଣ୍ଡୋ ସଙ୍ଘର ସାଧାରଣ ସମ୍ପାଦକ ତଥା ଅନ୍ତରର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟରଙ୍କ ପ୍ରତେକ୍ଷ୍ୟ ତତ୍ୱାବଧାନରେ ପରିଚାଳନା ସହ ତଦାରଖ କରିଥିଲେ ।

# ବଲାଙ୍ଗିର ଜିଲ୍ଲାରେ ସେପ୍ଟେମ୍ବର ୧୩ରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗିର, ୧୮/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଆସନ୍ତା ମାସ ୧୩ ତାରିଖରେ ୩ୟ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଆସନ୍ତା ସେପ୍ଟମ୍ବର ମାସ ୧୩ତାରିଖି ଶନିବାର ଦିନ ବଲାଙ୍ଗିର, ପାଟଣାଗଡ, ଟିଟିଲାଗଡ, କଂଟାବାଂଜି, ଲୋଇସିଂହା, ସଇଁତଳା, ମୁରିବାହାଲ, ବଙ୍ଗୋମୁଣ୍ଡା ଏବଂ ତୁଷୁରା ଅଦାଲତ ପରିସରରେ ଓ ଜିଲ୍ଲାର ସମସ୍ତ ରାଜସ୍ୱ ବିଭାଗ ତଥା ରାଷ୍ଟ୍ରାୟତ ବ୍ୟାଙ୍କ, ଜିଲ୍ଲା ଶ୍ରମ ବିଭାଗ ମାନଙ୍କର ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏଥିରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏହାସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେ ନାହିଁ । ଦୀର୍ଘଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ । ଏ ସଂକ୍ରାନ୍ତରେ ବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ, ଟିଟିଲାଗଡ଼, କଂଟାବାଂଜି, ଲୋଇସିଂହା, ସଇଁତଳା ,ମୁରିବାହାଲ, ବଙ୍ଗୋମୁଣ୍ଡା ,ତୁଷୁରା ଏବଂ ଅନ୍ୟ ଉପରୋକ୍ତ ବିଭାଗ ମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଉଅଛି ।

# ରାଜସ୍ୱ ଅମଲା ସଂଘ ଆନ୍ଦୋଳନକୁ ବିରୋଧ ପ୍ରଦର୍ଶନ

ଜୟପୁର, ୧୮/୦୮ (ନି.ପ୍ର): ଓଡ଼ିଶା ଅମଲା ସଂଘ ପ୍ରସ୍ତୁତି ବୈଠକରେ ଘୋଷଣା କଲେ ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଶ୍ରୀ ଶଶୀଭୂଷଣ ଦାଶ ଓ ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ତଳ ଦିନରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜସ୍ୱ ଅମଲା ସଂଘ ସମସ୍ତ ଜିଲ୍ଲାସ୍ତରୀୟ ଅମଲାମାନଙ୍କ ପ୍ରତି କୁଠାରାଘାତ କରିଥିବା ଯୋଗୁଁ ଜିଲ୍ଲାସ୍ତରୀୟ ସମସ୍ତ ଅମଲା ସେମାନଙ୍କ ନ୍ୟାର୍ଯ୍ୟ ଦାବି ପାଇବାରୁ ବଂଚିତ ହୋଇଥିବା ଯୋଗୁଁ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତିକୁ ଓଡ଼ିଶା ଅମଲା ସଂଘ ତୀବ୍ର ବିରୋଧ କରୁଥିବା ପ୍ରକାଶ କରିଥିଲେ ।

ଆଜି ନବରଙ୍ଗପୁର ଠାରେ ଆୟୋଜିତ ଓଡ଼ିଶା ଅମଲା ସଂଘର ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ ପୁଣିଥରେ ରାଜସ୍ୱ ଅମଲା ସଂଘ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିଥିଲେ । ରାଜସ୍ୱ ଅମଲା ସଂଘ ସେମାନଙ୍କର କିଛିକୁ ଚକ୍ରାନ୍ତକାରୀ ସଦସ୍ୟ ରାଜସ୍ୱ ବ୍ୟତୀତ ଅନ୍ୟ ବିଭାଗରେ କାର୍ଯ୍ୟରତ ଅମଲାମାନଙ୍କୁ ନେଇ ଆନ୍ଦୋଳନରେ ଯୋଗଦାନ କରାଉଛନ୍ତି । ରାଜସ୍ୱ ଅମଲା ସଂଘ ରେ ରହି ସେମାନେ ଓଡ଼ିଶା ଅମଲା ସଂଘ ର କର୍ମକର୍ତା ବଲାଇ ହେବା ସହିତ ବିଭିନ୍ନ ସ୍ଥାନରେ ଓଡ଼ିଶା ଅମଲା ସଂଘକୁ ବଦନାମ୍ କରିବାରେ ଆପ୍ରାଣ ଉଦ୍ୟମ କରୁଛନ୍ତି । ଓଡ଼ିଶା ଅମଲା ସଂଘ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତି କୁ ବିରୋଧ କରୁଥିବା ବେଳେ ଓଡ଼ିଶା ଅମଲା ସଂଘ ରାଜସ୍ୱ ଅମଲା ସଂଘର ଆନ୍ଦୋଳନକୁ ସମର୍ଥନ କରୁଥିବା ବାହାରେ ପ୍ରଚାର କରୁଛନ୍ତି । ତେଣୁ ଶ୍ରୀ ଦାଶ ରାଜସ୍ୱ ଅମଲା ସଂଘ କର୍ମକର୍ତାମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିଥିଲେ ।

ଉକ୍ତ ବୈଠକରେ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖାର ନିର୍ବାଚନ ନିମନ୍ତେ ଆଲୋଚନା କରା ଯାଇଥିଲା, ନବରଙ୍ଗପୁର ଜିଲ୍ଲା ରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ଯୋଗଦାନ କରିବା ସହିତ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଓ ରାଜସ୍ୱ ଅମଲା ସଂଘ ର ୧୦ ଦଫା ଦାବି କୁ ସମସ୍ତେ ବିରୋଧ କରିଥିବା ସଂଘ ପକ୍ଷରୁ ସୂଚନା ମିଳିଥିଲା ଓ ରାଜସ୍ୱ ଅମଲା ସଂଘ ଏ ଭଳି ହିନ ରାଜନିତି ନ କରିବା ପାଇଁ ସମସ୍ତେ ମତ ଦେଇଥିଲେ ।

ରାଜସ୍ୱ ଅମଲା ସଂଘର ଅମଲା ମାନେ କାର୍ଯ୍ୟରେ ଯୋଗଦାନ କରିବା ସହିତ ଆଗାମି ଦିନରେ ଏକ ମାତ୍ର ଦାବି କନିଷ୍ଠ ସହାୟକ ମାନଙ୍କର ପ୍ରବେଶିକା ଦରମା ହାର ଷଷ୍ଠ ବେତନ କମିଶନ ଅନୁସାରେ ୪୨୦୦/- ରଖିବା ପାଇଁ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ତେବେ ଯାଇ ସମସ୍ତେ ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ବୋଲି ମତ ଦେଇଥିଲେ ।

ଉକ୍ତ ବୈଠକରେ ଶ୍ରୀ ଏମ୍ ବାଲକ୍ରିଷ୍ଣା ରାଓ ସଭାପତିତ୍ୱ କରିଥିଲାବେଳେ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅମଲା ସଂଘ ଉପ ସଭାପତି କାଳୀ ପ୍ରସାଦ ମିଶ୍ର, ଓଡ଼ିଶା ଅମଲା ସଂଘ ଉପ ସଭାପତି ସିଦ୍ଧେଶ୍ୱର ବେନିଆ, ଶ୍ରୀ ଅରୁଣ କୁମାର ରଥ ବରିଷ୍ଠ ସଦସ୍ୟ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ।

ଆସନ୍ତା ସେପଟ୍ମ୍ବର ୧୪ ତାରିଖ ଦିନ ନବରଙ୍ଗପୁରରେ ଜିଲ୍ଲା ସମ୍ମିଳନୀ ହେବା ନେଇ ଶ୍ରୀ ଦାଶ୍ ସଭାପତି ଘୋଷଣା କରିଥିଲେ ଏଥିନିମନ୍ତେ ଏକ କର୍ମକର୍ତା ଚୟନ କରାଯାଇଥିଲା, ପରିଶେଷରେ ଶ୍ରୀ ଦାଶ୍ ସମସ୍ତ ଉପସ୍ଥିତ ଅମଲା ଓ ମିଡିଆ ବନ୍ଧୁମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ, ଶ୍ରୀ ରାଓ ସଭା ସାଙ୍ଗ କରିଥିଲେ ।

# ମନରେଗା ଯୋଜନାରେ ଏନଏମଏମଏସ ପାଲଟିଛି ପ୍ରହସନ: ଆପରେ ସେଲ୍ଫି ଫଟୋ ଲୋଡ଼ ହେଉଥିବା ଅଭିଯୋଗ

ମାଲକାନଗିରି, ୧୮/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଶ୍ରମିକଙ୍କୁ ରୋଜଗାର ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ମନରେଗା ଯୋଜନା ମାଧ୍ୟମରେ ବିଭିନ୍ନ କାଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ହେଲେ ବାସ୍ତବ କ୍ଷେତ୍ରରେ ମନରେଗା ଯୋଜନା ମାଧ୍ୟମରେ ଆସୁଥିବା ଏହି ଅର୍ଥକୁ ବାଟମାରଣା କରିବା ପାଇଁ ସରକାରି କର୍ମଚାରୀ ନୁଆ ନୁଆ କୌଶଳ ଅପଣାଇଛନ୍ତି । ମନରେଗା ଯୋଜନା କାଯ୍ୟରେ କେବେ ମେସିନ ବ୍ୟବାହର ହେଉଛି ତ କେବେ କାମ ନ ହେଇ ବିଲ୍ ଉଠାଯାଉଛି । ପୁଣି କେବେ ମୃତ ଶ୍ରମିକଙ୍କ ନାମରେ ଅର୍ଥ ପେଠ ହେଉଛି । ଏ ସବୁ ବାଦେ ବର୍ତ୍ତମାନ ମନରେଗା ଯୋଜନା ର ଅର୍ଥ ଲୁଟ ପାଇଁ ଶ୍ରମିକଙ୍କ ବଦଳରେ ଫଟୋ ରୁ ଫୋଟ ନେଇ ତାହାକୁ ମନରେଗା ପୋର୍ଟାଲ୍ ରେ ଅପଲୋଡ଼ କରାଯାଉଛି । ଦାଦନ ସମସ୍ୟା କୁ ଦୁର କରିବା ଓ ଶ୍ରମିକଙ୍କ ରୋଜଗାର ବଢେଇବା ଲକ୍ଷ ନେଇ ସରକାରଙ୍କ ପକ୍ଷରୁ ଆରମ୍ଭ କରଯାଇଥିବା ଏହି ମନରେଗା ଯୋଜନାରେ ବାଟମାରଣାର ଏସବୁ ଚିତ୍ର ଦେଖିବା ପରେ ବାସ୍ତବିକ କ୍ଷେତ୍ରରେ ଯୋଜନା କେତେଦୂର ସଫଳ ହେଇଛି ତାହା ତଦନ୍ତ ସାପେକ୍ଷ । ଏପରି ଘଟଣା ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ପୁସୁଗୁଡା ପଞ୍ଚାୟତର ବାରନି ଗୁଡା ଠାରୁ କାରକା ଗୁଡା ପର୍ଯ୍ୟନ୍ତ ଚାଲିଥିବା ଫିଲ୍ଦ ଚାନେଲ କାମ ଯାହାର କୋଡ଼ ନମ୍ବର ୨୪୩୧୦୧୪୦୦୮ /ଆଇସି/ ୧୦୬୨୧୦୮ ଏହି କାମରେ ମେଟ ରାମଚନ୍ଦ୍ର ଓ୍ୱଇକା ଗତ ୮ ତାରିଖ ରେ ଶ୍ରମିକ ମାନେ କାର୍ଯ୍ୟ କରୁଥିବା ସମୟର ଫୋଟ ଏନ ଏମ ଏମ ଏସ ଆପରେ ଅପଲୋଡ଼ କରିବା ପରିବର୍ତ୍ତେ ସେଲ୍ଫି ନେଉଥିବା ଏକ ଫୋଟ ଅପଲୋଡ଼ କରିଥିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ମନରେଗା ଯୋଜନାରେ ଯେକୌଣସି କାଯ୍ୟ ଆରମ୍ଭ ହେଲେ କାଯ୍ୟ ଜାରୀ ଥିବା ସମୟରେ ସରକାରୀ ନିୟମ ଅନୁଯାୟୀ ଏହାର ଏନଏମଏମ ଏସ କରାଯାଏ । ଏନଏମ ଏମଏସ ଅର୍ଥ ହେଉଛି ନେସନାଲ ମେପିଂ ସିଷ୍ଟମ । ଏହି ଏନଏମ ଏମଏସ ଦ୍ୱାରା କାଯ୍ୟରତ ଶ୍ରମିକଙ୍କ ନାମ ଓ କାଯ୍ୟସ୍ଥଳୀରେ ଶ୍ରମିକମାନେ କାଯ୍ୟ କରୁଥିବା ଫଟୋ ଅପଲୋଡ଼ କରାଗଲେ ପ୍ରକୃତରେ କାଯ୍ୟରେ କେତେ ଶ୍ରମିକ ନିୟୋଜିତ ହେଇଛନ୍ତି ଏବଂ କାଯ୍ୟ ସଠିକ ଭାବରେ ହେଉଛି କି ନାହିଁ ତାହା ସ୍ପଷ୍ଟ ହେଇଥାଏ ।


KAPTIPADA HIGHER SECONDARY SCHOOL, NUASAHI, MAYURBHANJ
E-mail-kaptipadacollege.nuasahi@gmail.com
WALK-IN-INTERVIEW
**Recruitment for the contractual Lecturer in English.**

A walk-in-interview on contractual basis is called for on Dt- 29.08.25 at 11.00 AM. Candidates having requisite qualification may attend the walk-in-interview with original certificates and one set of self- attested photocopies of certificates. The date & time of Interview follows

| Sl. No | Name of the post | | No of post | Qualification | Date & Time |
|---|---|---|---|---|---|
| 1 | Lecturer | English | 01 | Master Degree with minimum 55%(Experience & highest degree will be given weightage) | 29.08.25 At 11 A.M |

**N.B-The authority has every right to postpone and cancel the interview. For details please contact mobie No-9937819190.**

**Sd/- Principal-Cum-Secretary**

**Principal**
**Kaptipada Higher Secondary School**
**Nuasahi, Mayurbhanj**


# ଭାରତୀ ସମାଜ ପକ୍ଷରୁ ଦଶମ ସମର୍ପଣ ଉତ୍ସବ

ସମ୍ବଲପୁର, ୧୮/୦୮ (ନି.ପ୍ର): ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ନିକଟରେ ଥିବା ଲକ୍ଷ୍ମୀ ଡୁଙ୍ଗୁରୀରେ ରବିବାର ଦିନ ଭାରତୀ ସମାଜ ପକ୍ଷରୁ ଦଶମ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀଡୁଙ୍ଗୁରୀ ପାହାଡ ପାଦ ଦେଶରେ ବର- ପିପ୍ପଳ ବୃକ୍ଷ ଲଗାଯିବା ସହ ସେଗୁଡିକୁ ସମ୍ବଲପୁରର ଐତିହାସିକ ଚରିତ୍ର ମାନଙ୍କ ନାମରେ ସମର୍ପଣ କରାଯାଇଥିଲା । ଭାରତୀ ସମାଜର ମହାସଚିବ ଦେବୀ ପ୍ରସାଦ ଭୋଇଙ୍କ ପୌରହିତ୍ୟରେ ଆୟୋଜିତ ପର୍ଯ୍ୟଟକରେ ଦ୍ୱିତିୟ ବୁଦ୍ଧଙ୍କ ନାମରେ ପରିଚିତ ଗୁରୁ ପଦ୍ମସମ୍ଭବ ଏବଂ ଲକ୍ଷ୍ମୀଡୁଙ୍ଗୁରୀର ନାମକରଣ ହୋଇଥିବା ଅଷ୍ଟମ ଶତାବ୍ଦୀର ବିଶିଷ୍ଟ ତନ୍ତ୍ର ସାଧିକା ତଥା ସହଜଯାନର ପ୍ରଚାରିକା ଲକ୍ଷ୍ମୀକରାଙ୍କ ନାମରେ ଗଛ ଗୁଡିକୁ ଲଗାଯାଇଥିଲା । ବୃକ୍ଷରୋପଣ ପରେ ପୂଜାର୍ଚ୍ଚନା କରାଯାଇ ଉଭୟଙ୍କ ନାମରେ ବୃକ୍ଷ ଗୁଡିକୁ ସମର୍ପଣ କରାଯାଇଥିଲା । ପୂର୍ବରୁ ଲକ୍ଷ୍ମୀଡୁଙ୍ଗୁରୀ ଶିଖରରେ ଲକ୍ଷ୍ମୀକରାଙ୍କ ଏକ ପ୍ରତିମୂର୍ତୀ ମଧ୍ୟ ରହିଥିବା ନେଇ ପୁରାତନ ଲୋକେ କହିଥାନ୍ତି । ତେବେ ସଂରକ୍ଷଣ ଅଭାବରୁ ସମ୍ବଲପୁରର ଇତିହାସ ଲୁପ୍ତ ହୋଇଯାଉଥିବା ନେଇ ଭାରତୀ ସମାଜର ରାଜ୍ୟ ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡା କହିଥିଲେ । ପୁରାତନ ସମ୍ବଲ ବା ସମ୍ବଲକ ବର୍ତମାନର ସମ୍ବଲପୁରକୁ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ବୋଲି ଏତିହାସିକ ମାନେ ମତ ଦେଉଥିବା ବେଳେ ସଚେତନତା ର ଅଭାବରୁ ସମ୍ବଲପୁରର ଇତିହାସ ଲୋକ ଲୋଚନକୁ ଆସି ପାରୁନଥିବା ଭାରତୀ ସମାଜ ର ସଞ୍ଚାଳକ ଭବାନୀଶ ଭୋଇ କହିଥିଲେ । ତେବେ ଆଜିବି ସମ୍ବଲପୁରର କୋଣ ଅନୁକୋଣରେ ତତ୍କାଳିନ ସଂସ୍କୃତିର ଝଲକ ଦେଖିବାକୁ ମିଳୁଥିବା ବେଳେ ସଂସ୍କୃତି ଗବେଷକ ମାନେ ସମ୍ବଲପୁରୀ ସଂସ୍କୃତିକୁ ଅଷ୍ଟମ ସତାବ୍ଦୀର ବଜ୍ରଯାନ ଏବଂ ସହଜ ଯାନ ସହ ଯୋଡିଥାନ୍ତି ବୋଲି ଶ୍ରୀ ଭୋଇ କହିଥିଲେ । ଗତ ୨୦୧୬ ମସିହାରୁ ପ୍ରତିବର୍ଷ ଲକ୍ଷ୍ମୀଡୁଙ୍ଗୁରୀରେ ଭାରତୀ ସମାଜ ପକ୍ଷରୁ ସମର୍ପଣ ଉତ୍ସବ ପାଳନ କରାଯାଇ ପୁରାତନ ଇତିହାସକୁ ପୁନର୍ଜୀବିତ କରିବାକୁ ଉଦ୍ୟମ କରାଯାଇ ଆସୁଛି । ଏହି କ୍ରମରେ ପାହାଡ଼ ଉପରେ ଥିବା ସାତଟି ବୃକ୍ଷକୁ ସାତବହନୀଙ୍କ ନାମରେ ସମର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଆସୁଛି । ହୀରାକୁଦ ବନ୍ଧ ନିର୍ମାଣ ସମୟର ଅନେକ ସ୍ମୃତି ଲକ୍ଷ୍ମୀଡୁଙ୍ଗୁରୀ ପାଦ ଦେଶରେ ରହିଥିବାବେଳେ ଏହାର ସଂରକ୍ଷଣ କରାଯାଇ ଗୁରୁ ପଦ୍ମସମ୍ଭବଙ୍କ ନାମରେ ଏଠାରେ ଏକ ପ୍ରକୃତି ଉଦ୍ୟାନ ନିର୍ମାଣ କରିବାକୁ ଭାରତୀ ସମାଜ ୨୦୧୬ ମସିହାରୁ ଦାବି କରି ଆସୁଛି । ଆଜିର ସମର୍ପଣ ଉତ୍ସବରେ ପୁଣିଥରେ ପ୍ରଶାସନକୁ ଏହି ଦାବି ଉପରେ ଆଲୋଚନା କରାଯାଇଥିଲା । ସମ୍ବଲପୁର, ହୀରାକୁଦ ଏବଂ ବୁର୍ଲା ସହ ମଧ୍ୟସ୍ଥଳରେ ଏବଂ ମହାନଦୀ ତଟରେ ଏହି ସ୍ଥାନ ରହିଥିବା ବେଳେ ଏହାର ବିକାଶ ହେଲେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ଭାରତୀ ସମାଜର ଅବିନାଶ କଂଟା କହିଥିଲେ । ବିଭିନ୍ନ ଏଅତିହାସିକ ଚରିତ୍ରଙ୍କ ନାମରେ ସମର୍ପଣ କରାଯାଥିବା ବୃକ୍ଷ ଗୁଡିକର ନିୟମିତ ଯତ୍ନ ନେବା ଉପରେ ଭାରତୀ ସମାଜର ଚୁଡାମଣି ଭିମ ମତ ଉପସ୍ଥାପନ କରିଥିଲେ ।

# ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଷୋଡଶ ସପ୍ତାହର ଶିକ୍ଷାଦାନ ସମାପନ

ସମ୍ବଲପୁର, ୧୮/୦୮ (ନି.ପ୍ର): ପବ୍ଲିକ ଲାଇବ୍ରେରୀର ନିଜସ୍ୱ ପ୍ରେକ୍ଷାଳୟରେ ୨୦୨୫ ବର୍ଷ ପାଇଁ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଷୋଡଶ ସପ୍ତାହର ଶିକ୍ଷାଦାନ ସମାପନ ହୋଇଯାଇଛି । ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଉପରେ ଆଲୋଚନା ଆରମ୍ଭ କରି ପ୍ରାକ୍ତନ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ ବିଶ୍ୱର ଧନୀ ବ୍ୟକ୍ତି ବିଲଗେଟ୍, ସଫ୍ଟୱେରର ଉଦ୍ଭାବକଙ୍କ ଜୀବନି ଉପରେ ଆଲୋଚନା କରି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଇଚ୍ଛାଶକ୍ତି ବଳରେ କିପରି ନିଜକୁ ପ୍ରତିଷ୍ଠିତ କରିପାରେ ସେ ବିଷୟରେ ପିଲାଙ୍କୁ ବୁଝେଇଥିଲେ । ଦ୍ୱିତୀୟ ଅଧିବେଶନରେ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ଘର ଆମ ମନ୍ଦିର ଭାବେ ଅଭିହିତ କରି ନିଜ ଘର ବିଶେଷ କରି ବ୍ୟବହାର ରେ ଆସୁଥିବା କୋଠରୀର ବାୟୁ ପ୍ରଦୂଷଣ ଓ ନିରାକରଣ ଉପରେ ଆଲୋଚନା କରି ଘରେ ରାସାୟନିକ ଦ୍ରବ୍ୟ, ଅତ୍ୟଧିକ ସାବୁନ ବ୍ୟବହାର ଓ ମଶା ଧୂପକାଠି ର ଭୟାବହତା ଉପରେ ପିଲାଙ୍କୁ ସତର୍କ କରି ଏସବୁର ବ୍ୟବହାରରୁ ବିରତ ରହିବାକୁ ପରାମର୍ଶ ଦେଇଥିଲେ । ଆରମ୍ଭରୁ ଅନୌପଚାରିକ ଭାବେ ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଆରମ୍ଭରୁ ମୌଳିକ ଇଂରାଜୀ ଶିକ୍ଷା ଦେଇଥିଲେ । ଶ୍ରୀ ବିଜୟ ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ ।ଆଜି ଆଲୋଚନା ରେ ପ୍ରଶିକ୍ଷାର୍ଥୀ ଙ୍କ ମଧ୍ୟରୁ ଅଦିତି, ଅଭିଜ୍ଞାନ, ଆଶୁତୋଷ, ଗୌରବ, ବିଦୁଷୀ, ଜିତେନ୍ଦ୍ର, ଅବିନାଶ ଓ ରୁଦ୍ରାଂଶୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବିଶିଷ୍ଟ ବ୍ୟକ୍ତି ଭାବେ ସମ୍ପାଦକ ରଘୁନାଥ ମିଶ୍ର , ପ୍ରଫେସର ସେବକ ତ୍ରିପାଠୀ, ଅର୍ଜୁନ ପଣ୍ଡା ପ୍ରମୁଖ, ଡ଼ ଗିରିଧାରୀ ହୋତା, ପୃଥ୍ୱୀରାଜ ମିଶ୍ର, ଅଶୋକ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ପର୍ଶ୍ଚିମ ସମ୍ଭାଗ ସ୍ତରୀୟ ଶିଶୁ ବାଟିକା ପର୍ଯାୟ ପ୍ରମୁଖ କର୍ମଶାଳା

ସମ୍ବଲପୁର, ୧୮/୦୮ (ନି.ପ୍ର): ଧନୁପାଲି ଶିଶୁ ବିଦ୍ୟାମନ୍ଦିର ଠାରେ ପର୍ଶ୍ଚିମ ସମ୍ଭାଗ ସ୍ତରୀୟ ଶିଶୁ ବାଟିକା ପର୍ଯାୟ ପ୍ରମୁଖ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ସଭାପତି ଡ଼କ୍ଟ ଦେବେନ୍ଦ୍ର ପଣ୍ଡା, ପର୍ଶ୍ଚିମ ସମ୍ଭାଗ ବିଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର, ବିଦ୍ୟାଳୟ ର ସହ ସମ୍ପାଦକ ଅଭିମନ୍ୟୁ ସାହୁ, ଶିଶୁ ବାଟିକା ସମ୍ଭାଗ ପ୍ରମୁଖ ନରୋତମ ମିଶ୍ର, ଲୋକନାଥ ପ୍ରମୁଖ ସହ ପର୍ଶ୍ଚିମ ସମ୍ଭାଗର ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥି ମହୋଦୟଙ୍କ ପରିଚୟ ପ୍ରଦାନ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ: ଜିଲ୍ଲା ଶାଖାର ନବଗଠିତ କର୍ମକର୍ତ୍ତାଙ୍କ ନାମ ଘୋଷଣା



ବାଲେଶ୍ୱର, ୧୮/୮ (ନି.ପ୍ର): ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚଚାରୀ ସଭା କକ୍ଷରେ ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଏହି ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଜିଲ୍ଲା କାର୍ଯ୍ୟକାରିଣୀ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା ।ବୈଠକରେ ଦ୍ୱିତୀୟ ଥର ପାଇଁ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ନିର୍ବାଚିତ ହୋଇଥିବା ଲୋକନାଥ ଦଳାଇ ଅଧକ୍ଷତା କରିଥିଲେ ।ସଂଘକୁ ମଜବୁତ କରିବା ଓ ସମସ୍ତ ସଭ୍ୟ ସଂଘର କାର୍ଯ୍ୟଧାରା ଅନୁସାରେ କାର୍ଯ୍ୟ କରିବାକୁ ଜିଲ୍ଲା ସଭାପତି ଆହ୍ୱାନ ଦେଇଥିଲେ ।ବୈଠକରେ ବାଲେଶ୍ୱର ଜିଲ୍ଲା ର ୧୨ ଟି ବ୍ଲକରେ ଥିବା ସଂଘ ର ସମସ୍ତ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିବାବେଳେ ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ମତବ୍ୟକ୍ତ କରିଥିଲେ । ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।ଏହି ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ଶାଖା ପାଇଁ ଆଗାମୀ ୩ ବର୍ଷ ସକାଶେ ମନୋନୀତ ହୋଇଥିବା କାର୍ଯ୍ୟକର୍ତ୍ତା ମାନଙ୍କ ନାମ ସଭାପତି ଶ୍ରୀ ଦଳାଇ ଘୋଷଣା କରିଥିଲେ । ପରେ ନୂତନ କାର୍ଯ୍ୟକର୍ତ୍ତା ମାନେ ଶପଥ ଗ୍ରହଣ କରିଥିଲେ ।ନବଗଠିତ କମିଟି ରେ ସଭାପତି ଭାବେ ଲୋକନାଥ ଦଳାଇ, ସାଧାରଣ ସମ୍ପାଦକ ଭାବେ ସୁଧାଂଶୁ ଶେଖର ବାରିକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ଭାବେ ନିରଞ୍ଜନ ପ୍ରସାଦ ବାରିକ, ରାଜ୍ୟ ସମ୍ପାଦକ ଭାବେ ସଞ୍ଜୟ ମହାଳିକ, କୋଷାଧକ୍ଷ ଭାବେ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ମିଡିଆ ସଂଯୋଜକ ଭାବେ ପ୍ରମୋଦ ଶିଅଳ,ମିଡିଆ ସହ ସଂଯୋଜକ ଭାବେ ଅଜିତ କୁମାର ସାହୁ, ସଙ୍ଗଠନ ସମ୍ପାଦକ ଭଗବାନ ଦାସ, ଉପଦେଷ୍ଟା ଭାବେ ଅମର ଆଚାର୍ଯ୍ୟ, ନରନାରାୟଣ ମିଶ୍ର, ଡ.ସୁକାନ୍ତ ଗିରି, କମଳଲୋଚନ ଆଚାର୍ଯ୍ୟ, ରାଜାରାମ ଦାସ,ରବିନ୍ଦ୍ର ବିଶ୍ୱାଳ,ଗଗନ ସେଠୀ,ଅଶୋକ କୁମାର ପ୍ରଧାନ, ଦେବେନ୍ଦ୍ର ନାୟକ, ଅନାଦି ଚରଣ ନାୟକ, କାର୍ଯ୍ୟକାରୀ ସଭାପତି ଭାବେ ସତ୍ୟବ୍ରତ ଦାସ, ପ୍ରଶାନ୍ତ କୁମାର ବେହେରା, ସଞ୍ଜୟ କୁମାର ସାମନ୍ତ, ଉପସଭାପତି ଭାବେ ଜୀବନ କୃଷ୍ଣ ବାରିକ, ଆତ୍ମାନନ୍ଦ ଦାସ, ଦେବେନ୍ଦ୍ର ଦାସ,ବୁଲୁ ଲେଙ୍କା, ଅର୍ଜୁନ ସିଂହ, ରାଜକିଶୋର ମଲ୍ଲିକ, ରଣଜିତ କୁମାର ଦାସ, ସମ୍ପାଦକ ଭାବେ ସ୍ୱରିତ ସପନ ପଣ୍ଡା, ଦୀପକ କୁମାର ପରିଡା, ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଦୀପକ ଦାସ, ପ୍ରଦୀପ କୁମାର ଜେନା, ସୁଶ୍ରୀ ଜୟଶ୍ରୀ ବେହେରା, ଶ୍ରୀମତୀ ସଂଯୁକ୍ତା ବେହେରା, ଜିଲ୍ଲା କମିଟି ସଦସ୍ୟ ଭାବେ ସନ୍ୟାସୀ ବେହେରା, ନିହାର କୁମାର ଜେନା, ସାମନ୍ତ ଜଗମୋହନ ସ, ଆଲୋକ ପଣ୍ଡା, ମାନସ ବେଜ, ଦେବେନ୍ଦ୍ର ମହାଳିକ, ସୁରେଶ ଚନ୍ଦ୍ର ମହାନ୍ତି, ଲୋକନାଥ ପରିଡା, କବିତାବାଳା ମାନ୍ଧାତା ଙ୍କ ନାମ ଘୋଷଣା ହୋଇଥିଲା ।ସଞ୍ଜୟ ଦାସ, ପ୍ରସନ୍ନ ପାତ୍ର, ମନୋଜ କୁମାର ଭୂୟାଁ, ଆଶିଷ ଗିରି ତଥା ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଶେଷରେ ନିରଞ୍ଜନ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୮ତାରିଖ ସୁଦ୍ଧା ଏନଏସି ଘୋଷଣା ନହେଲେ ଆମରଣ ଅନଶନ

ଖଇରା, ୧୮/୮ (ନି.ପ୍ର): ସବୁ ପ୍ରକାର ଭିତ୍ତିଭୂମି ଥାଇ ମଧ୍ୟ ଖଇରାକୁ ରାଜ୍ୟ ସରକାରଙ୍କ ଏନଏସି ମାନ୍ୟତା ମିଳିନାହିଁ । ଏହା ପ୍ରତିବାଦରେ ଖଇରାର ବିଭିନ୍ନ ସଙ୍ଗଠନ ଏକଜୁଟ ହୋଇ ଚରମ ପଦକ୍ଷେପ ନେବାକୁ ଅଣ୍ଟାଭିଡିଛନ୍ତି । ପ୍ରଥମ ପଦକ୍ଷେପ ସ୍ୱରୂପ ଖଇରା ସମ୍ପର୍କରେ ତୁରନ୍ତ ପୁନର୍ବିଚାର ପାଇଁ ଖଇରା ର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ,ନଗର ଉନ୍ନୟନ ମନ୍ତ୍ରୀ,ନଗର ଉନ୍ନୟନ ସଚୀବ, ଜିଲାପାଳ, ବିଧାୟକ, ଏମପି, ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଆସନ୍ତା ସେପ୍ଟେମ୍ବର ୮ତାରିଖ ପୂର୍ବରୁ ଯଦି ଖଇରାକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରାନଯାଏ ତେବେ ସମସ୍ତ ସଙ୍ଗଠନ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିବାକୁ ଚରମବାଣୀ ଶୁଣାଇଛନ୍ତି । ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଅନ୍ତର୍ଯାମୀ ପାତ୍ର, ମାନସ ମହାପାତ୍ର, ବସନ୍ତ ଖିଲାର, ଜଗତାନନ୍ଦ ମହାପାତ୍ର, ଅଭିରାମ ମହାପତ୍ରା, ଦେବେନ୍ଦ୍ର ରାଉତ, ବୁଦ୍ଧିରାମ ପାଣିଗ୍ରାହୀ,ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା, ଗୋବର୍ଦ୍ଧନ ମହାପାତ୍ର, ଉମେଶ କୁମାର ଜେନା, ବଳରାମ ଲେଙ୍କା, ତପୋଧନ ବାରିକ ଓ ସଞ୍ଜୟ କୁମାର ବେହେରା ପ୍ରମୁଖଙ୍କ ତରଫରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି ।

# ବେତନଟୀ ଆର୍ଦଶ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ବେତନଟୀ, ୧୮/୮ (ନି.ପ୍ର): ବେତନଟୀ ଆର୍ଦଶ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି ! ବେତନଟୀ ଆର୍ଦଶ ବିଦ୍ୟାଳୟ ର ଅଧକ୍ଷ ତୁଷାରକାନ୍ତ ମହାପାତ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ଶିବିରକୁ ଉଦଘାଟନ କରିବା ସହ ବିଧାୟକ ନିଜ ବକ୍ତବ୍ୟରେ ଆପଣଙ୍କ ରକ୍ତର ପ୍ରତ୍ୟେକ ବୁନ୍ଦା କାହା ପାଇଁ ଜୀବନର ସ୍ପନ୍ଦନ ବୋଲି କହିଥିଲେ ଓ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ବେତନଟୀ ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷା ସଞ୍ଜୁକ୍ତା ଜୀ , ସ୍ୱତନ୍ତ୍ର ଅତିଥି ଭାବରେ ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା, ୩୭ ନମ୍ବର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା , ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର କାର୍ଯ୍ୟକାରୀ ସଭାପତି ଶାନ୍ତନୁ ପଣ୍ଡା, ଉପସଭାପତି ଗତିକୃଷ୍ଣ ମହାନ୍ତ , ଯୁ ନେତା ସଂଜୀବ ଜେନା, ଅଶୋକ ବେହେରା, ତାପସ୍ୱୀ ରାଉତ, ହିତେଶ କୁମାର ଜେନା , ରାକେଶ ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି କହିଥିଲେ ଓ ଏହି ମହତ କାର୍ଯ୍ୟ ପାଇଁ ଆୟୋଜକ ବିଦ୍ୟାଳୟକୁ ପ୍ରଶଂସା କରିଥିଲେ । ସର୍ବପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରି ମୁଖ୍ୟ ଅତିଥି ଙ୍କୁ ପାଛୁଟି ନେଇ ଥିଲେ । ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ଭାସ୍କର ରାୟ , ନର୍ସିଂଗ ଅଫିସର ରୁଚିକା ଖୁରାନା, ଛବି ମହାନ୍ତ , କଳ୍ପନା ସିଂ, କରୁଣାକର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରୁ ୪୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ପ୍ରତବାସ ସାହୁ , ଶାନ୍ତି ଭୂଷଣ ପାଣ୍ଡେ , ସୁମନ୍ତ କୁମାର ସେଠୀ, ସ୍ୱାଗତିକା ମହାନ୍ତି, ରାଜଶ୍ରୀ ସିଂ, ସ୍ୱାସତି ପଣ୍ଡା, ଧର୍ମପଦ ବନ୍ଦୀ, ସନ୍ତୋଷ କୁମାର ବେହୁରିଆ, ସତ୍ୟନାରାୟଣ ମହାନ୍ତ , ଭାରତୀ ମାଝୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଜତା ପ୍ରଧାନ, ରାଜେଶ୍ୱରୀ ଜେନା, ଅଭିସା ଦାସ, ପ୍ରତିଷା ସାହୁ, ସଭାଙ୍ଗିନୀ ନାୟକ, ବର୍ଷାଶ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ଦାବିପତ୍ର ପ୍ରଦାନ



ରୂପସା, ୧୮/୮ (ନି.ପ୍ର): ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ତଥା ବିଗତ ମାସରେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ତରଫରୁ ଚିଠି ସଂଖ୍ୟା ୧୮୧୮ ଅନୁସାରେ ଓଡ଼ିଶାରେ ତୃତୀୟ ଭାଷା ସଂସ୍କୃତରେ ଧନ୍ଦାମୂଳକ ଶିକ୍ଷାକୁ ୪୩୧ ବିଦ୍ୟାଳୟରେ ଅଗ୍ରାଧୀକାର ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଏହା ହେବା ଦ୍ୱାରା ଦେବ ଭାଷା ସଂସ୍କୃତର ବିଲୟ ହେବାସହ ସଂସ୍କୃତ ଅଧୟନ କରୁଥିବା ବିଦ୍ୟାର୍ଥୀ ମାନଙ୍କ ଭବିଷ୍ୟତ ଅନ୍ଧକାର ଅଭୀମୁଖୀ ହେବ ତେଣୁ ଏହାକୁ ବିରୋଧ କରି ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ସଂସ୍କୃତ ଭାଷାର ସୁରକ୍ଷା ତଥା ସଂସ୍କୃତ ବଞ୍ଚିଲେ ଅସ୍ମିତା ବଞ୍ଚିବ ଏହି ଉଦ୍ଦେଶ୍ୟ ନେଇ ସଂସ୍କୃତ ଭାଷାର ସୁରକ୍ଷା ,ବିକାଶ ଓ ସଂସ୍କୃତ ଏକାଡେମୀ ସ୍ଥାପନ, ସଂସ୍କୃତର ସ୍ୱତନ୍ତ୍ର ଅନୁଷ୍ଠାନ ପ୍ରଥମା ଓ ମଧ୍ୟମାର ପୁନରୁଦ୍ଧାର , ପ୍ରଥମ ଶ୍ରେଣୀରୁ ସଂସ୍କୃତ ଅଧ୍ୟୟନ , ଶ୍ରୀମଦ୍‌ଭାଗବତ ଗୀତାକୁ ନବମ ଶ୍ରେଣୀରୁ ପାଠ୍ୟ ଖସଡ଼ାରେ ସ୍ଥାନିତ କରିବା ଓ ସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷକ ନିଯୁକ୍ତି ଓ ନୂତନ ଶିକ୍ଷକ ପଦବୀ ସୃଷ୍ଟି ସହ ମୋଟ ୧୦ ଗୋଟି ଦାବି ନେଇ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ମାର୍ଗଦର୍ଶିକା ପ୍ରଧାପିକା ଡ଼ ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ମହାସଂଘର ଆବାହକ ଦେବେନ୍ଦ୍ର ଆଚାର୍ଯ୍ୟ , ଯୁଗ୍ମଆବାହକ ସାଧୁ ଅରୂପାନନ୍ଦ ଓ ସଦସ୍ୟ ମୁଖ୍ୟ ସତ୍ୟବ୍ରତ ଜେନା ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଲେ ।

# ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ'ର ଫାଷ୍ଟ ଲୁକ୍‌କୁ ଢେରସାରା ପ୍ରଶଂସା




ଭୁବନେଶ୍ୱର, ୧୮/୮ (ନି.ପ୍ର): ପାର୍ବଣ ଋତୁରେ ଓଡିଶାବାସୀଙ୍କୁ ଭରପୁର ମନୋରଞ୍ଜନ ଯୋଗାଇବାକୁ ଆସୁଛି ଓଡ଼ିଆ ଚଳଚ୍ଚିତ୍ର ଚ୍ୟାଲେଞ୍ଜ । ଦଶହରା ବୁଲା ସାଙ୍ଗକୁ ଫିଲ୍ମ ଦେଖିବାର ମଜା ଉଠାନ୍ତି ଓଡିଶାବାସୀ କ୍ଷ ଏବେଠୁ ପ୍ରାୟ ଯୋଜନା ମଧ ହେଇସାରିବେଣି । ସପରିବାର ଖଣ୍ଡିଏ ଖଣ୍ଡିଏ ଟିକେଟ ଧରି ପ୍ରେକ୍ଷାଳୟକୁ ପ୍ରବେଶ କରିଥାନ୍ତି । ବିଶେଷ ଭାବରେ ଓଡ଼ିଆ ସିନେମାଟିଏ ଦେଖିବାକୁ ମନରେ ଅନେକ ଆଗ୍ରହ ଥାଏ । ଦର୍ଶକଙ୍କ ସେଇ ଆଗ୍ରହକୁ ଆଖିରେ ରଖି ପବିତ୍ର ଦଶହରାରେ ମୁକ୍ତିଲାଭ କରିବ ଚ୍ୟାଲେଞ୍ଜ । ନିକଟରେ ଚ୍ୟାଲେଞ୍ଜର ଟିଜର୍ ମୁକ୍ତିଲାଭ କରିଛି । ଟିଜର୍‌କୁ ପ୍ରଥମ ଦିନରୁ ହିଁ ଅହେତୁକ ଭଲ ପାଇବା ଦେଲେଣି ଦର୍ଶକ । ଭିୟୁ ବଢିବା ସହିତ ବହୁ ମାତ୍ରାରେ ସେୟାର ମଧ କରୁଛନ୍ତି । ଓଲିଉଡ ଷ୍ଟାର ଅର୍ଦ୍ଧେନ୍ଦୁ ଏବଂ ବଲିଉଡ ଷ୍ଟାର ପୁନିତଙ୍କୁ ପ୍ରଥମଥର ପାଇଁ ଦର୍ଶକ ଦେଖିବେ ବୋଲି ମନରେ ଅନେକ ଆଶା ରହିଛି । ପୂର୍ବରୁ ଚଳଚ୍ଚିତ୍ରରେ ଥିବା ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ମମତା ଉପରେ ଆଧାରିତ ରାକ୍ଷୀ ଗୀତ ରିଲିଜ୍ ହୋଇଥିଲା, ଯାହାକୁ ଦର୍ଶକ ଯଥେଷ୍ଟ ଭଲ ପାଇବା ଦେଇଥିଲେ । ଅର୍ଦ୍ଧେନ୍ଦୁ ସାହୁ ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ । ଅଭିନୟ ସହିତ ପ୍ରଯୋଜନା କ୍ଷେତ୍ରରେ ପାଦ ରଖି ଓଡ଼ିଆ ଚଳଚ୍ଚିତ୍ର ଜଗତର ଗାରିମାକୁ ସେ ବଢ଼େଇବାରେ ସହାୟ ହୋଇଛନ୍ତି । ପୂର୍ବରୁ ବ୍ଲାକମେଲ, ଅ ଆ ହର୍ଷଇ ସହିତ ଭିଲେନ୍ ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଓଡ଼ିଆ ଦର୍ଶକଙ୍କୁ ବହୁତ ମନୋରଞ୍ଜନ ଯୋଗାଇଛନ୍ତି । ଅର୍ଦ୍ଧେନ୍ଦୁ ଙ୍କର ଆଗାମୀ ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ଭରି ରହିଛି । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରର ଏହା ୬ଷ୍ଠ ଅବଦାନ । ସବୁବେଳେ କିଛି ନୂଆ କରିବା ପାଇଁ ଚେଷ୍ଟା କରଥାନ୍ତି ଅର୍ଦ୍ଧେନ୍ଦୁ । ଚ୍ୟାଲେଞ୍ଜରେ ମଧ କିଛି ନୂଆ କରିବା ପାଇଁ ମହାଭାରତର ସେଇ ନାମୀ ଦାମୀ ଚରିତ୍ରରେ ଅଭିନୟ କରିଥିବା ପୁନିତ ଇସାର ଓରଫ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ । ଏଲିନା ସାମନ୍ତରାୟଙ୍କୁ ଅର୍ଦ୍ଧେନ୍ଦୁଙ୍କ ବିପକ୍ଷରେ ଦେଖିବାକୁ ପାଇବେ ଦର୍ଶକେ । ନୂଆ କଥାଟି ହେଲା, ମ୍ୟୁଜିକ୍ ଭିଡିଓ ଜାଇଫୁଲର ସଫଳ ଯୋଡ଼ି ଲିପି ଓ ପୁପିନ୍ଦର ସିଂହଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ । ଯୁବ ତଥା ଅଭିଜ୍ଞ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚ୍ୟାଲେଞ୍ଜ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ନେଇଥିବା ବେଳେ, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ଚିତ୍ରଉତ୍ତୋଳନ କରିଛନ୍ତି ପ୍ରତାପ ରାଉତ, ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ନାୟକ । ଦଶହରାରେ ସାରା ଓଡ଼ିଶାରେ ପ୍ରକାଶ ଫିଲ୍ମସ ଡିଷ୍ଟ୍ରିବ୍ୟୁସନ ବ୍ୟାନରରେ ମୁକ୍ତିଲାଭ କରିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ତେଜିଲା ଭୋଟ୍ ...

ଅନ୍ୟପକ୍ଷରେ ରାହୁଲ ଗାନ୍ଧୀଙ୍କୁ ସତ୍ୟପାଠ ବା କ୍ଷମା ପ୍ରାର୍ଥନା କରିବା ପାଇଁ ମୁଖ୍ୟ ନିର୍ବାଚନ କମିସନଙ୍କ ଆହ୍ୱାନକୁ ଆଜି କଂଗ୍ରେସ ନିନ୍ଦା କରିଛି । କଂଗ୍ରେସ ଅଭିଯୋଗ କରିଛି ଯେ ନିର୍ବାଚନ ଆୟୋଗ ଖୋଲାଖୋଲି ପକ୍ଷପାତ ନୀତି ପ୍ରଦର୍ଶନ କରିଛନ୍ତି । କଂଗ୍ରେସ ନେତା ଜୟରାମ ରମେଶ ଏକ ପୋଷ୍ଟରେ କହିଛନ୍ତି, ଆଜି ନିର୍ବାଚନ ଆୟୋଗ ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରଥମ ଥର ପାଇଁ ସିଧାସଳଖ କଥାବାର୍ତ୍ତା କରିବାକୁ ଆସିଛନ୍ତି । କମିସନଙ୍କ ପକ୍ଷପାତ ନୀତି ଧରାପଡ଼ିଯାଇଛି ଏବଂ ସତ୍ୟପାଠ ଦାବି କରି କମିସନ ଯେଉଁ ଆଭିମୁଖ୍ୟ ଦେଖାଇଛନ୍ତି ତାହା ଗ୍ରହଣୀୟ ନୁହେଁ । ସୂଚନାଯୋଗ୍ୟ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିସନଙ୍କ ବିରୋଧରେ ଭୋଟର ତାଲିକାରେ ହେରଫେର ଓ ଭୋଟ ଚୋରି ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି । ୨୦୨୪ ଲୋକସଭା ନିର୍ବାଚନ ଏବଂ ମହାରାଷ୍ଟ୍ର, ହରିୟାଣା, କର୍ଣ୍ଣାଟକ ଭଳି ରାଜ୍ୟରେ ବିଧାନସଭା ନିର୍ବାଚନରେ ବ୍ୟାପକ ଜାଲିଆତି ହୋଇଛି ବୋଲି ସେ ଦାବି କରିଛନ୍ତି ।

### ଲଗାଣ ବର୍ଷାରେ...

ମୂଷଳ ଧାରା ବର୍ଷାରେ ପୋଟେରୁ, କାଙ୍ଗୋରୁକୁଣ୍ଡା, କନ୍ୟାଶ୍ରମ, ଏମଭି ୯୬ ପୋଲ ଉପରେ ବନ୍ୟା ଜଳ ଲହଡି ମାରୁଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥରେ ପାଣି ପ୍ରବାହିତ ହେଉଥିବାରୁ ୧୫ ଘଣ୍ଟା ଧରି ବନ୍ଦ ରହିଥିଲା ଯାତାୟତ । ଅନ୍ୟପଟେ ଜଳ ନିଷ୍କାସନ ନହେବାରୁ ବିମାନବନ୍ଦରର ପାଚେରୀ ଭୁଶୁଡ଼ି ପଡିଛି । କୋରାପୁଟରେ ବି ଲଘୁଚାପ ବର୍ଷା କଲବଲ କରିଛି । ଲମତାପୁଟର ମୁଖ୍ୟ ରାସ୍ତାରେ ୨ ଫୁଟର ପାଣି ବହୁଥିବା ବେଳେ ତଳମେଟିଂ ରାସ୍ତା ଏବଂ ନାରାୟଣପାଟଣା ଓ ତଳଗୁମାଣ୍ଡିକୁ ଯୋଡୁଥିବା ବୋରିପୁଟ ରାସ୍ତାରେ ପାହାଡ଼ ଉପରୁ ପଥର ଖସି ରାସ୍ତା ଅବରୋଧ ହୋଇଛି । ଅଧାରେ ଅଟକିଛି ବସ୍ । ନାରାୟଣପାଟଣାରେ ବର୍ଷା ବିପ୍ୟାତରେ ଭାଙ୍ଗିଛି ଘରଦ୍ୱାର ଓ ଲକ୍ଷ୍ମୀପୁରରେ ନଷ୍ଟ ହୋଇଛି ଫସଲ । ଗଞ୍ଜାମ ଖଲ୍ଲିକୋଟରେ ମଧ ଲଗାଣ ବର୍ଷା ମୁଣ୍ଡ ଉପରୁ ଛଡ଼ାଇ ନେଇଛି ଛାତ । ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୧୨ ଘଣ୍ଟାରେ ନେବ ଅବପାତର ରୂପ । ଏଥିପାଇଁ କୋରାପୁଟ, ନବରଙ୍ଗପୁର, ମାଲକାନଗିରିକୁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ

### ମାଇନିଂ କମ୍ପାନି ସହ...

ପୂର୍ବରୁ ସୁନ୍ଦରଗଡରେ ଟ୍ରକଭର୍ତ୍ତି ବିସ୍ଫୋରକ ଲୁଟି ନେଇଥିଲେ ନକ୍ସଲ । ଯାହାକୁ ନେଇ ଅପରେସନ ଜୋରଦାର କରାଯାଇ ପରବର୍ତ୍ତୀ ସମୟରେ ଲୁଟ ବିସ୍ଫୋରକକୁ ଜବତ କରାଯାଇଥିଲା । ଏହି ମାମଲାରେ ବି ଖଣି ମାଲିକଙ୍କ ସହ ମାଓ ସଂପର୍କର ସୁରାକ ପାଇଥିଲା ରାଜ୍ୟ ପୋଲିସ । ତେଣୁ କ୍ରମାଗତ ଭାବେ ରାଜ୍ୟରେ ଚାଲିଥିବା ଏଭଳି ଗୋଟିକ ପରେ ଗୋଟିଏ ଘଟଣା ମାଇନିଂ କଂପାନି ସହ ମାଓବାଦୀଙ୍କ ଲିଙ୍କ ସନ୍ଦେହକୁ ବଢ଼ାଇ ଦେଇଛି । ତେବେ କାହିଁକି ମାଓବାଦୀଙ୍କ ସହ ସାଲିସ୍ କରୁଛନ୍ତି ମାଇନିଂ କମ୍ପାନି ? ଭୟରେ ନା ଅର୍ଥ ଲୋଭରେ ? ଅପରପକ୍ଷେ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ଲକ୍ଷ୍ୟରେ ଦେଶବ୍ୟାପୀ ମାଓଗଡ଼ରେ ଚାଲିଥିବା ପ୍ରଚଣ୍ଡ ପ୍ରହାରରୁ ଏବେ ଶେଷ ନିଶ୍ୱାସ ଗଣୁଛି ମାଓ ସଂଗଠନ । ଏଭଳି ସ୍ଥିତିରେ ରାଜ୍ୟର ନୂଆ ନୂଆ ସ୍ଥାନରେ ଉପସ୍ଥିତି ଜାହିର କରିବା ପାଇଁ କିଛି ବଡ଼ ଅଘଟଣ ଘଟାଇବା ଚକ୍କରରେ ରହିଛି କି ଲାଲବାହିନୀ ? ଯେଉଁଥିପାଇଁ ଖଣି କଂପାନିଙ୍କୁ ହାତ କରି ଚାଲିଛି ବିସ୍ଫୋରକ ମହଜୁଦର ଏ ପ୍ରୟାସ ?

### ଭିଜିଲାନ୍ସ ଜାଲରେ...

କର୍ମଚାରୀ ସାମିଲ ଅଛନ୍ତି । ରେଡ୍ ପରେ ଜଣାପଡିବ କେତେ ତାଙ୍କ ସମ୍ପତ୍ତି ପରିମାଣ । ସେପଟେ ତାଙ୍କ ଉପରେ ଲାଗିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ଅଧୀକ୍ଷଣ ଯନ୍ତ୍ରୀ । ସୁନ୍ଦରଗଡ଼ ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ୨୦୧୬ ରୁ ୨୦୨୨ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ ସୁରେନ୍ଦ୍ର ବେହେରା । ସେହି ସମୟରେ ବି ତାଙ୍କ ବିରୁଦ୍ଧରେ ଅନେକ ଦୁର୍ନୀତିର ଅଭିଯୋଗ ହୋଇଥିଲା । ସମସ୍ତ ବିଭାଗୀୟ କାର୍ଯ୍ୟ ନିଜେ ଠିକା କରିବା ସହ ଅନେକ ପୁରୁଣା କାମରେ ଚୂନ ମାରି ନୂଆ କାମ ଦେଖାଇ କୋଟି କୋଟି ଟଙ୍କା ବିଲ କରି ଉଠାଇ ନେବା ଭଳି ଅଭିଯୋଗ ରହିଥିଲା । ଏହାପରେ ତତ୍କାଳୀନ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଥିବାବେଳେ ତାଙ୍କ ବଦଳି ହୋଇଥିଲା ।

### ସୁସ୍ଥ ହେଉଛନ୍ତି ...

ପହଁଚି ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି । ଗତକାଲି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଶାସକ ଦଳର ବହୁ ନେତା ହସ୍ପିଟାଲରେ ପହଞ୍ଚି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ । ପରବର୍ତ୍ତୀ ସମୟରେ ହସ୍ପିଟାଲ ବେଡରେ ନବୀନ ଚିକିତ୍ସିତ ହେଉଥିବାର ଏକ ଭିଡିଓ ସାମ୍ନାକୁ ଆସିଥିଲା । ଯେଉଁଥିରେ ନବୀନ ଡାକ୍ତରଙ୍କ ସହ କଥା ହେଉଥିବା ଦେଖିବାକୁ ମିଳିଥିଲା । ନବୀନ ପଟ୍ଟନାୟକଙ୍କୁ ଆଜି ଅପରାହ୍ନରେ ଅବଜରଭେସନ୍ ରୁମ୍‌ରୁ କ୍ୟାବିନ୍‌କୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି ଏବଂ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ମେଡିକାଲ୍ ବୁଲେଟିନ୍‌ରେ କୁହାଯାଇଛି ।

### ନବୀନଙ୍କ ସହଯୋଗ...

୨୦୨୪ ନିର୍ବାଚନ ପରେ ବିଜେଡି-ବିଜେପି ସମୀକରଣ ବଦଳି ଯାଇଥିବାରୁ ନବୀନଙ୍କ ପଦକ୍ଷେପ ଉପରେ ନଜର ରହିଛି । ରାଜ୍ୟରେ ବିଜେଡି ପ୍ରମୁଖ ବିରୋଧୀ ଦଳ ହୋଇଥିବାରୁ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବ ନା ବିରୋଧ ତାହା ବେଶ ଗୁରୁତ୍ୱ ରଖୁଛି । ଲୋକସଭାରେ ଏନ୍‌ଡିଏର ୨୯୩ ପ୍ରାର୍ଥୀ ଅଛନ୍ତି । ରାଜ୍ୟସଭାରେ ଏନ୍‌ଡିଏର ଅଛନ୍ତି ୧୩୩ ସଦସ୍ୟ । ବିଜେଡିର ଅଛନ୍ତି ମାତ୍ର ୭ ଜଣ ରାଜ୍ୟସଭା ସାଂସଦ । ଉପରାଷ୍ଟ୍ରପତି ନିର୍ବାଚନ ନେଇ ବିଜେଡି ଉପରେ ଚାପ ନାହିଁ । ୱାକଫ୍ ବିଲ୍ ସମୟରେ ପଦାରେ ପଡ଼ିଥିଲା ବିଜେଡି କନ୍ଦଳ । ଏନଡିଏକୁ ସମର୍ଥନ ଦେବା ଯୋଗୁଁ ବିଜେଡିର ସଂସଦୀୟ ଦଳ ଦୁଇ ଭାଗ ହୋଇଯାଇଥିଲା । ଏହାପରେ ସଂସଦରେ ଅପରେସନ୍ ସିନ୍ଦୁର ଚର୍ଚ୍ଚା ହେଉ କିମ୍ବା କଂଗ୍ରେସର ଭୋଟ୍ ଚୋରି ଅଭିଯୋଗ ପ୍ରସଙ୍ଗରେ ଦ୍ୱନ୍ଦ୍ୱାତ୍ମକ ରହିଛି ବିଜେଡି ଆଭିମୁଖ୍ୟ । ଏବେ ପୁଣି ଉପରାଷ୍ଟ୍ରପତି ନିର୍ବାଚନକୁ ଅପେକ୍ଷା କରାଯାଇଛି ।

### ଓଡ଼ିଶାରେ ୨୪ ବର୍ଷ ପରେ...

ତେବେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, "ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ନିରପେକ୍ଷ ଓ ସ୍ୱଚ୍ଛ ହେବ । ଏହାର ଉଦ୍ଦେଶ୍ୟ କେବଳ ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ଭୋଟର ତାଲିକାରେ ସଠିକତା ଆଣିବା ।" ସେ ସମସ୍ତ ରାଜନୈତିକ ଦଳଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି । ଏହି ପ୍ରକ୍ରିୟା ଜନସାଧାରଣଙ୍କୁ ନିଜର ଭୋଟର ତାଲିକା ଯାଞ୍ଚ କରିବାର ଏକ ସୁଯୋଗ ପ୍ରଦାନ କରୁଛି । ଯେଉଁମାନେ ୧୮ ବର୍ଷ ବୟସ ପୂର୍ଣ୍ଣ କରିଛନ୍ତି, ସେମାନେ ନୂତନ ଭାବେ ପଞ୍ଜୀକରଣ କରିପାରିବେ । ଏହା ସହିତ, ଭୋଟର ପରିଚୟ ପତ୍ରରେ ନାମ, ଠିକଣା, ଫଟୋ ବା ଅନ୍ୟାନ୍ୟ ତ୍ରୁଟି ସଂଶୋଧନ କରିବାର ସୁଯୋଗ ମିଳିବ ।

# ଭାଇ ଭାଇ ମିଳିତ ସଙ୍ଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ସହ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଜଳେଶ୍ୱର, ୧୮/୮ (ନି.ପ୍ର): ଜଳେଶ୍ୱର ଥାନା ବଜାର ଭାଇ ଭାଇ ମିଳିତ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ସହ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।୧୫ ତାରିଖ ଦିନ ସକାଳ ୭ ଟା ସମୟରେ ଜଳେଶ୍ୱର ଥାନାର ଏ ଏସ ଆଇ ଭଗବାନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ ଥିଲା ।ସନ୍ଧ୍ୟାରେ ଜଳେଶ୍ୱର ଅଞ୍ଚଳର ପ୍ରାୟ ୫୦ ରୁ ଉର୍ଦ୍ଧ କୁନି କୁନି ପୁଅ ଝିଅ ମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ନୃତ୍ୟ ପ୍ରତିଯୋଗିତାକୁ ସଙ୍ଗୀତ ଗୁରୁ ବ୍ରଜ ବାହ୍ଲବ ସାହୁ, ସାମ୍ବାଦିକ ମନୋଜ କୁମାର ଭୂୟାଁ, ଓଡିଶୀ ନୃତ୍ୟ ଗୁରୁ ଜ୍ୟୋତିର୍ମୟୀ ଭୂୟାଁ ଓ ଝାନସି ରାଣୀ ଦାସ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ ।୧୬ ତାରିଖ ସଂଧ୍ୟାରେ ଭାଇ ଭାଇ ମିଳିତ ସଙ୍ଘର ସଭାପତି ତପନ କୁମାର ପରିଡ଼ା ଙ୍କ ଅଧ୍ୟକ୍ଷତାରେ ଏକ ସାଂସ୍କୃତିକ ସଭା ଆୟୋଜନ କରାଯାଇ ଥିଲା । ଓକିଲ ସଂଘର ସଭାପତି କୁଞ୍ଜ ବିହାରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜଳେଶ୍ୱର ଥାନାର ଏ ଏସ ଆଇ ଭଗବାନ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଫାଇନାଲ ନୃତ୍ୟ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସହ ସମ୍ମାନ ପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଏହି ସାଂସ୍କୃତିକ ମଞ୍ଚ କୁ ରାଜ ଇଲେକ୍ଟ୍ରୋନିକସ ର ସତ୍ୱାଧିକାରୀ ଗିରିଜା ଶଙ୍କର ଦାସ ପରିଚାଳନା କରିଥିଲେ । ଟିମ ଟାଇଟନର ମୁଖ୍ୟ ପାର୍ଥ ସାରଥି ଦାସ, ରମେଶ ଚନ୍ଦ୍ର ପରିଡା, ଏସ କେ ଅଫସର ଅଲ୍ଲୀ, ସୁବଳ ବାରିକ, ମଣ୍ଟୁ କୁମାର ରଣା, ଜାମସେଦ ଅଲ୍ଲୀ,ସୁଶାନ୍ତ ଜେନା, କଷମୋ ବଜାରର ସଦସ୍ୟ, ଶ୍ରୀକ୍ଷେତ୍ର ଲୁଗାଦୁକାନ ସମସ୍ତ ସଦସ୍ୟ ତଥା ଅନ୍ୟାନ୍ୟ ବଜାର କମିଟିର ସଭ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ସଙ୍ଘର ସମ୍ପାଦକ ଧନ୍ୟବାଦ୍ ଅର୍ପଣ କରିଥିଲେ । ରାତିରେ ତ୍ରିସା ମ୍ୟୁଜିକାଲ ନାଇଟ ପ୍ରୋଗ୍ରାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଧ୍ୱନି ପ୍ରତିଧ୍ୱନି



# ଲେଭଲ୍ ଭି ଏ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ



ବାସୁଦେବପୁର, ୧୮/୮ (ନି.ପ୍ର): ବାସୁଦେବପୁର ବଂଶୀ ପାଟଣା କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଲେଭଲ୍ ଭି ଏ ଶିକ୍ଷକ ସଙ୍ଗଠନ ବାସୁଦେବପୁର ଶାଖାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଶିକ୍ଷକ ମାନଙ୍କ ସମସ୍ୟା ଓ ସଭ୍ୟ ସଂଗ୍ରହ ବିଷୟରେ ସବିଶେଷ ଆଲୋଚନା କରା ଯାଇଥିଲା। ପୂର୍ବରୁ ଥିବା ଶିକ୍ଷକ ସଂଘର ପୁନର୍ଗଠନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଭାବେ ସୁବ୍ରତ କୁମାର ଧଳଙ୍କୁ ସଂଘ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉପ ସଭାପତି ଭାବେ ସର୍ବେଶ୍ୱର ମଲିକ, ବଳରାମ ବେହେରା, ସୂର୍ଯ୍ୟକାନ୍ତ ବେହେରା ଓ ସମ୍ପାଦକ ଭାବେ ରାମକୃଷ୍ଣ ବାରିକ୍, ସହ ସମ୍ପାଦକ ସୁଚିତ୍ରା ବେହେରା ଓ ଆଶିଷ ରାଉତ ଙ୍କ ନାମ ଘୋଷଣା କରା ଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ନାୟକ, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ପାଣିଗ୍ରାହୀ ଙ୍କୁ ମନୋନୀତ କରା ଯାଇଥିଲା। ଗଣ ମାଧ୍ୟମ ସଂଯୋଜକ ବିନୟ କୁମାର ସାହୁ ଓ ପିତାମ୍ବର ଦାସ ଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। କେନ୍ଦ୍ରୀୟ ହାରରେ ଦରମା, ଠିକା ପ୍ରଥା ଉଚ୍ଛେଦ ସହିତ ଠିକା କାର୍ଯ୍ୟକାଳ ଛଅ ବର୍ଷକୁ ମୂଳ ଚାକିରୀରେ ଗଣନା କରିବାକୁ ସଭାପତି ଶ୍ରୀ ସୁବ୍ରତ କୁମାର ଧଳ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଛନ୍ତି।

## ସମ୍ବଲପୁରରେ ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୧୮/୮ (ନି.ପ୍ର): ଲୋକସେବା ଭବନରେ ସୋମବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରସ୍ତାବ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର କୃଷି ବିଶ୍ୱ ବିଦ୍ୟାଳୟ ଅଧିନିୟମ, ୧୯୯୨ ଅନୁଯାୟୀ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇଛି । କୃଷି ଓ ଆନୁଷଙ୍ଗିକ ବିଜ୍ଞାନରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ସ୍ନାତକ ଓ ସ୍ନାତକୋତର ସୃଷ୍ଟି କରିବା ଏବଂ ଏହି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି ଓ ଲାଭଦାୟକ କୃଷି ପ୍ରଣାଳୀ ବିକଶିତ କରିବାରେ ସହାୟକ ହେବ। ଏହି ପ୍ରସ୍ତାବିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଓଡ଼ିଶା ପାଇଁ ଏକ ପରିବର୍ତ୍ତନକାରୀ ହେବ - କୃଷି ଗବେଷଣାକୁ ଆଗକୁ ବଢାଇବ, ଚାଷୀମାନଙ୍କୁ ସଶକ୍ତ କରିବ ଏବଂ ସ୍ଥାୟୀ କୃଷି ପଦ୍ଧତିରେ ନବସୃଜନକୁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। କୃଷି ଓ ଆନୁଷଙ୍ଗିକ ବୃତ୍ତିକୁ ଲାଭଜନକ ଉଦ୍ୟୋଗରେ ପରିଣତ କରି ଲୋକଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ନିଷ୍ପତି ଲାଭଦାୟକ ସାବ୍ୟସ୍ତ ହେବ।

## ଗ୍ରାମବାସୀ ୨ କେବୁଲ ଚୋରଙ୍କୁ ଧରି ନିର୍ଦ୍ଧୁମ ଛେଚି ପୁଲିସରେ ଜିମା ଦେଲେ

ନୀଳଗିରି, ୧୮/୮ (ନି.ପ୍ର): ନୀଳଗିରି ଥାନା ଅଧୀନ ନରସିଂହପୁର ଗ୍ରାମରେ ବିଳମ୍ବିତ ରାତିରେ ଦୁଇଜଣ କେବୁଲ ଚୋରଙ୍କୁ ଗ୍ରାମବାସୀ ଧରିବା ସହ ପୁଲିସର ଜିମା ଦେଇଛନ୍ତି।ସୂଚନା ମୁତାବକ ଦୁଇଜଣ ବ୍ୟକ୍ତି ବିଳମ୍ବିତ ରାତିରେ ବିଦ୍ୟୁତଖୁଣ୍ଟରେ ଚଢି କେବୁଲ ତାର କାଟୁଥିବାର କିଛି ଗ୍ରାମବାସୀ ଦେଖିଥିଲେ। ତୁରନ୍ତ ସେମାନଙ୍କୁ କାବୁ କରିବା ସହ ନିର୍ଦ୍ଧୁମ ଛେଚିଥିଲେ ଓ ପରେ ନୀଳଗିରି ଥାନାର ଜିମା ଦେଇଥିଲେ। ନୀଳଗିରି ପୁଲିସ ୩୨୯/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରିଛି।ଅଭିଯୁକ୍ତ ଦୁଇଜଣ ରେମୁଣା ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ନିକଟରୁ ଦୁଇବଣ୍ଡଲ କେବୁଲ ତାର ଜବତ କରାଯାଇଥିବା ସୂଚନା ମିଳିଛି।

## ୬୪ତମ ଜାତୀୟ ସିନିଅର୍ ଆଥଲେଟିକ୍ ମିଟ ନିମନ୍ତେ ଓଡିଶା ଦଳରେ ଭଦ୍ରକ ଜିଲ୍ଲାରୁ ହରିଶଙ୍କର

ଭଦ୍ରକ, ୧୮/୮ (ନି.ପ୍ର): ତାମିଲନାଡୁର ଚେନ୍ନାଇ ଷ୍ଟାଡ଼ିୟମ୍ରେ ଆରମ୍ଭ ହେବାକୁ ଯାଉଥିବା ୬୪ତମ ଜାତୀୟ ସିନିଅର୍ ଆଥଲେଟିକ୍ ମିଟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକରୁ ହରିଶଙ୍କର ପାଣିଗ୍ରାହୀ ସ୍ଥାନ ପାଇଛନ୍ତି।ଏହି ପ୍ରତିଯୋଗିତା ୨୦ ଅଗଷ୍ଟରୁ ଆରମ୍ଭ ହୋଇ ୨୪ ଅଗଷ୍ଟ ୨୦୨୫ରେ ସମାପ୍ତ ହେବ। ହରିଶଙ୍କର ପାଣିଗ୍ରାହି ୪ / ୪୦୦ ମିଟର୍ ରିଲେ ଇଭେଣ୍ଟରେ ସ୍ଥାନ ପାଇଛନ୍ତି। ସେ ବି.ଏନ୍.ଏମ୍.ଏ. କଲେଜ ପାଳିଆବିନ୍ଧାରେ +୩ ତୃତୀୟ ବର୍ଷ ବାଣିଜ୍ୟରେ ଅଧ୍ୟୟନ କରୁଥିବା ବେଳେ ଜଗନ୍ନାଥପୁର ସ୍ଥିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀରେ ନିୟମିତ ଅଭ୍ୟାସ ଜାରି ରଖି ତାଙ୍କର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ସେ ୨ ବର୍ଷହେଲା ବିଶ୍ୱବିଦ୍ୟାଳୟ ସ୍ତରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ହରିଶଙ୍କର ନିଜର ଦକ୍ଷତା ବିକାଶ ନିମନ୍ତେ କିଛି ମାସ ହେଲା ସମ୍ବଲପୁର ସ୍ଥିତ ବିର୍ଶା ମୁଣ୍ଡା ଆଥ୍ଲେଟିକ ଷ୍ଟାଡିୟମରେ ସିନଥେଟିକ ଟ୍ରାକରେ କୋଚ୍ ଶିବପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କ ପିତାଙ୍କ ନାମ ରାମ ପ୍ରସାଦ ପାଣିଗ୍ରାହି ଓ ମାତାଙ୍କ ନାମ ସୀତାଦେବୀ ପାଣିଗ୍ରାହି। ଘର ପିରାହାଟ ସ୍ଥିତ ପୁରୁଣା ବଜାର ଗ୍ରାମରେ। ହରିଶଙ୍କର ଭଦ୍ରକ ଜିଲ୍ଲାରେ ପ୍ରଥମ ଥର ପାଇଁ ସିନିଅର୍ ଆଥଲେଟିକ୍ ପ୍ରତିଯୋଗିତାରେ ସ୍ଥାନ ପାଇଥିବାରୁ ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଭଦ୍ରକ ଜିଲ୍ଲା ଆଥ୍ଲେଟିକ ସଂଘର ସଂପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀର ପ୍ରତିଷ୍ଠାତା ତଥା କ୍ରିଡ଼ା ଶିକ୍ଷକ ମନୋଜ କୁମାର ସାହୁ, କ୍ରିଡ଼ା ଶିକ୍ଷକ ରବି ନାରାୟଣ ଓଝା ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରନ୍ତୁ ବୋଲି ଶୁଭକାମନା କରିଛନ୍ତି।

## ଟେଲିଫୋନ ଟାୱାର ବାସହରା କରୁଛି ବାଦୁଡ଼ିଙ୍କୁ

ଉଦଳା , ୧୮/୮ (ନି.ପ୍ର): ଉଦଳା ସହର ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଅଂଚଳରେ ବାଦୁଡ଼ି ବସବାସ କରୁଥିଲେ । ବାଦୁଡ଼ି ରାତ୍ରୀଚର ଜୀବ ହୋଇଥିବାରୁ ଖାଦ୍ୟ ଅନ୍ୱେଷଣ ପାଇଁ ରାତ୍ରୀ ସମୟରେ ବିଚରଣ କରିବା ସାଙ୍ଗକୁ ଦିନସାରା ବାସସ୍ଥାନ ଭାବେ ବାଛିଥିବା ବୃକ୍ଷରେ ଓହଳିଥାଏ । କିନ୍ତୁ ଉଦଳାରେ ଉକ୍ତ ସ୍ଥାନରେ ଟେଲିଫୋନ ଟାୱାର ବସିବା ଯୋଗୁଁ ବାଦୁଡ଼ିମାନେ ବାଧ ହୋଇ ତାଙ୍କ ବାସସ୍ଥାନ ଛାଡ଼ି ଚାଲିଯାଇଥିବାର ଜଣାଯାଇଛି । ତେବେ ବାଦୁଡ଼ି ବସବାସ କରୁଥିବା ଆଖପାଖ ଅଂଚଳରେ ଆଉ ଅଧିକ ଟେଲିଫୋନ ଟାୱାର ବସାଇବା ପାଇଁ ଅନୁମତି ନଦେବା ସହ ବସିଥିବା ଟାୱାରକୁ ଦୂରକୁ ଉଠାଇଦେବା ପାଇଁ ବହୁ ପରିବେଶ ବିତ ଦାବି ଜଣାଇଛନ୍ତି। ବାଦୁଡ଼ିଙ୍କ ପାଇଁ ଏଠାରେ ଅନୁକୂଳ ବାତାବରଣ ତିଆରି କରିଦେଲେ ସେମାନେ ପୁଣିଥରେ ଏହିସ୍ଥାନକୁ ଫେରି ଆସିବେ ବୋଲି କେତେକ ପରିବେଶବିତ ମତ ଦେଇଛନ୍ତି ।

## ଖଇରା ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଅଣଅନୁଦାନ ପ୍ରାପ୍ତ କର୍ମଚାରୀ



ଖଇରା, ୧୮/୮ (ନି.ପ୍ର): ବାଲେଶ୍ୱର ଜିଲା ର ଅନ୍ୟତମ ସୁନାମଧନ୍ୟ ଖଇରା ମହାବିଦ୍ୟାଳୟ ରେ ୨୦୦୮ ରୁ ୨୦୧୮ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ କର୍ମଚାରୀ ମାନେ ସ୍ୱଳ୍ପ ପାରିଶ୍ରମିକରେ ପରିବାର ପୋଷଣ କରୁଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ସରକାରୀ ଆଦେଶ ପ୍ରକାଶ କରି ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପାଇଁ ସରକାରଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ହେଁ ସରକାର ଟାଳଟୁଳ ନିତି ଅବଲମ୍ବନ କରୁଛନ୍ତି । ପ୍ରତିବାଦରେ ରାଜ୍ୟ ଅଣନୁଦାନ ପ୍ରାପ୍ତ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଏହି ମହବିଦ୍ୟାଳରେ ଉପରୋକ୍ତ ସମୟ ମଧ୍ୟରେ ନିଯୁକ୍ତ ୧୮ଜଣ କର୍ମଚାରୀ ସୋମବାର ଦିନ ମହବିଦ୍ୟାଳୟ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ । ଏବଂ ସେମାନଙ୍କର ଦାବି ପୂରଣ ନହେବା ଯାଏ ଏହି ଧାରଣା ଚାଲିବ ବୋଲି କର୍ମଚାରୀ ମାନେ ପ୍ରକାଶ କରିଛନ୍ତି । କାର୍ଯ୍ୟରତ କର୍ମଚାରୀ ଆଲିସା ମହାନ୍ତି, ଉଦାକିନୀ ନାୟକ, ଅଶୋକ କୁମାର ବେହେରା,ରମାକାନ୍ତ ମହାନ୍ତି, ସୁଶାନ୍ତ କୁମାର ବିଶ୍ୱାଳ, ମନସ୍ମିତା ପାଢୀ, ଅଜୟ ମୁଖି, ଦିନେଶ କୁମାର ଜେନା, ପ୍ରଶାନ୍ତ କୁମାର ଜେନା, ସମୀକ୍ଷା ପୃଷ୍ଟି ଓ ସୁକାନ୍ତି ପଣ୍ଡା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ ।

## ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବାସୁଦେବପୁର, ୧୮/୮ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ସି ଡ଼ି ଏମ ଓ ଉମା ପ୍ରସାଦ ବିଶ୍ୱାଳ, ଏଡିଏମ୍, ଏସଡିପିଓ ବିଚିତ୍ରା ନନ୍ଦ ସେଠୀ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ବାସୁଦେବପୁର ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ଲୋକ ମାନଙ୍କ ବିଭିନ୍ନ ସମସ୍ୟା କଥା ବୁଝିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଯଥା ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ମେଡ଼ିକାଲ ଅଫିସର ଡାକ୍ତର ସୁଶାନ୍ତ ସାମନ୍ତ, ଯୋଗାଣ ବିଭାଗ ଅଧିକାରୀ ମଧୁସ୍ମିତା ସେନାପତି, କୃଷି ବିଭାଗ ଅଧିକାରୀ ନିହାରିକା ଦଳାଇ, ବିଦ୍ୟୁତ୍ ବିଭାଗ ଅଧିକାରୀ ରାକେଶ ଦାସ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସମୁଦାୟ ୧୭୬ ଟି ଅଭିଯୋଗ ଶୁଣାଣି ହୋଇ ଥିଲା। ବିଭିନ୍ନ ପଞ୍ଚାୟତରୁ ଓ ପୌରପାଳିକାର ବିଭିନ୍ନ ୱାର୍ଡରୁ ବିଭିନ୍ନ ସମସ୍ୟା ନେଇ ଲୋକ ମାନେ ଆସି ଟାଉନ୍ ହଲରେ ପହଞ୍ଚିଥିଲେ।

## ୩୧ ଭୂମିହୀନ ଓ ୩୦ବିଦ୍ୟାଳୟକୁ ପଟ୍ଟା ବାଣ୍ଟିଲେ ବିଧାୟକ

ଖଇରା, ୧୮/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତର ୩୧ ଭୂମିହିନ ପରିବାରକୁ ବସୁନ୍ଧରା ଯୋଜନା ରେ ୩୦ପ୍ରାଥମିକ,ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟକୁ ପଟ୍ଟା ବଣ୍ଟନ କରାଯାଇଛି । ଏହି ଅବସରରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ତହସିଲଦାର ଅମିତ ରଞ୍ଜନ ହୋତା,ବିଡିଓ ନାରାୟଣ ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ସରକାର ସବୁ ବର୍ଗର ଲୋକଙ୍କ ପାଇଁ କାମ କରୁଛନ୍ତି । ଖଇରା ବ୍ଲକର ସବୁ ଭୂମିହିନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ଯୋଗାଇ ଦିଆଯିବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଶେଷରେ ଅତିଥି ମାନେ ଭୂମିହିନ ତଥା ପଟ୍ଟା ନଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଙ୍କୁ ପଟ୍ଟା ବାଣ୍ଟିଥିଲେ ।

## ବାହବଳପୁରରେ ଡଙ୍ଗାରୁ ଖସି ମତ୍ସ୍ୟଜୀବୀ ମୃତ: କ୍ଷତିପୂରଣ ଦାବିରେ ରାସ୍ତାରୋକ



ବସ୍ତା, ୧୮/୮ (ନି.ପ୍ର): ଆଜି ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ସମୁଦ୍ର କୂଳରେ ଦୁବୁଲାଗଡି ଗାଁର ବିବେକ ଦାସଙ୍କ ଦାଣ୍ଡକାଳୀ ଯନ୍ତ୍ର ଚାଳିତ ଡଙ୍ଗାରୁ ଖସି ପଡି ଜେଣା ମାଝୀ (୩୩)ମୃତ୍ୟୁ ବରଣ କରିଥିବା ବେଳେ ତା'ର କ୍ଷତି ପୂରଣ ଦାବି କରି ବସ୍ତା ଥାନା ଶୀଳଦା ନିକଟରେ ଲୋକେ ରାସ୍ତା ରୋକ ଆନ୍ଦୋଳନ କରିଛନ୍ତି। ସୂଚନାରୁ ପ୍ରକାଶ ଯେ ମୃତକ ମାଝୀ ଅନ୍ୟ ମତ୍ସ୍ୟଜୀବୀଙ୍କ ସହ ସମୁଦ୍ରକୁ ମାଛ ଧରିବା ପାଇଁ ନୌକାରେ ଚଢିବା ବେଳେ ପଡି ଯାଇ ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ତା'ର ଜୀବନ ରକ୍ଷା ସମ୍ଭବ ହୋଇ ନଥିଲା। ତା'ର ଘର ଶୀଳଦା। ତେବେ ତା' ପରିବାରକୁ କ୍ଷତିପୂରଣ ଦାବି କରି ଏହି ଆନ୍ଦୋଳନ ହୋଇଛି। ଖବର ଲେଖା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିବା ଜଣାଯାଇଛି।

## ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ଆଥଲେଟିକ ପ୍ରତିଯୋଗିତାରେ ଭିନ୍ନକ୍ଷମ ଲିପିପୁଷ୍ପା ଜିତିଲେ ତିନି ସ୍ୱର୍ଣ୍ଣପଦକ



ନୀଳଗିରି, ୧୮/୮ (ନି.ପ୍ର): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କନିଷ୍ଠ ଓ ଉପ କନିଷ୍ଠ ପାରା ଆଥଲେଟିକ୍ ପ୍ରତିଯୋଗିତା ରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ୧୦ ନମ୍ବର ୱାର୍ଡ଼ କାହାଳିଆ ଗ୍ରାମର ଅନିରୁଦ୍ଧ ଭୋଳଙ୍କ ଝିଅ ଲିପିପୁଷ୍ପା ଙ୍କୁ ଏଫ ୫୫ କେଜି କେଟେଗୋରି ଜାଭଲିନ୍ ଥ୍ରୋ ରେ ସ୍ୱର୍ଣ୍ଣ ପଦକ ସହ ସଟ ଫୁଟ ଥ୍ରୋ ରେ ସ୍ୱର୍ଣ୍ଣ ପଦକ ସହ ଡିସ୍କସ ଥ୍ରୋ ରେ ସ୍ୱର୍ଣ୍ଣ ପଦକ ହାସଲ କରି ବାଲେଶ୍ୱର ଜିଲ୍ଲା ପାଇଁ ଗୌରବାନ୍ୱିତ ଆଣିଛନ୍ତି । ଏହି ଆଥଲେଟିକ୍ ରେ ୨୯ ଜିଲ୍ଲାରୁ ଦିବ୍ୟାଙ୍ଗ ଖେଳାଳି ଭାଗ ନେଇଥିଲେ । ସେଥିମଧ୍ୟରୁ ଲିପିପୁଷ୍ପା ଏହି କୃତିତ୍ୱ ପାଇଁ ବାଲେଶ୍ୱର ଜିଲ୍ଲା ର ଗୌରବ ବୃଦ୍ଧି କରିଛି । ନିଜର ପଢା ଚାଲୁଥିବା ସମୟରେ ଗୋଟେ ଦୁର୍ଘଟଣା ରେ ତାଙ୍କ ମେରୁଦଣ୍ଡ ଶିର ଆଘାତ ପରେ ଦିବ୍ୟାଙ୍ଗ ହୋଇ ଶାରୀରିକ ଅକ୍ଷମତା ହୋଇଥିଲେ । କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭଲ ଅଛନ୍ତି । ସେ କହିଛନ୍ତି ଯେ ଜାତୀୟ ସ୍ତର ର ଖେଳାଳି ଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିବା ପଛରେ ଓଲଟପୁର ର ସ୍ୱାମୀ ବିବେକାନନ୍ଦ ନେସନାଲ ଇନଷ୍ଟିଚ୍ୟୁସନ ଅଫ ରିହେବିଲିଟେସନ ଟ୍ରେନିଙ୍ଗ ଏଣ୍ଡ ରିସର୍ଚ୍ଚ ର ଭୂମିକା ରହିଛି । ଲିପିପୁଷ୍ପା ବିଗତ ୫ମାସ ପୂର୍ବରୁ ସେଠାରେ ରହି ନିଜର ଅଭ୍ୟାସ ଜାରିରଖି କଠିନ ପରିଶ୍ରମ ଫଳରେ ଆଜି ୩ ଗୋଟି ସ୍ୱର୍ଣ୍ଣ ପଦକ ଜିତି ପାରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ଚଳିତ ମାସ ମଧ୍ୟପ୍ରଦେଶର ଗ୍ୱାଲିୟର୍ ଠାରେ ହେବାକୁ ଥିବା ଜାତୀୟ କନିଷ୍ଠ ଓ ଉପ କନିଷ୍ଠ ପାରା ଆଥଲେଟିକ୍ ରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତେବେ ବାପା ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମାଆ ମମତା ଭୋଳ ଜଣେ ଗୃହିଣୀ ଅଟନ୍ତି । ପରିବାରର ଆର୍ଥିକ ମାନ ଦଣ୍ଡ ସ୍ୱଚ୍ଛଳ ନଥିବାରୁ ଯଦି ବାଲେଶ୍ୱର ଜିଲ୍ଲାପାଳ ସହାୟତା ର ହାତ ବଢ଼ାନ୍ତେ ତେବେ ସେ ଜାତୀୟ ସ୍ତରରେ ନିଜର ନା ସହ ଓଡ଼ିଶାର ନାମ କୁ ଗୌରବାନ୍ୱିତ କରିବେ ବୋଲି ଆଶା ରଖିଛନ୍ତି।

## ପତ୍ନୀ ହନ୍ତାକୁ ଆଜୀବନ ଜେଲ ସହ ୧୦ ହଜାର ଟଙ୍କା ଜୋରିମାନା

ଭଦ୍ରକ , ୧୮/୮ (ନି.ପ୍ର): ଅଧିକ ଯୌତୁକ ଦାବି କରି ବିବାହର ୧୪ ବର୍ଷ ପରେ ନିଜ ପତ୍ନୀକୁ ଶାବଳରେ ପିଟି ହତ୍ୟା କରିଥିବା ଧାମନଗର ଥାନା କଲ୍ୟାଣୀ ଗ୍ରାମର ବିରେନ୍ଦ୍ର ଜେନାଙ୍କ ପୁତ୍ର ଅଜିତ ଜେନାଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା, ଅନାଦେୟ ପୁଣି ୨ ମାସ ସଶ୍ରମ ଜେଲ , ୪୯୮ (କ) ଦଫାରେ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜୋରିମାନା, ଅନାଦେୟ ପୁଣି ୧ ମାସ ଜେଲ, ଯୌତୁକ ନିରୋଧ ଆଇନର ଧାରା ୪ ଅନୁଯାୟୀ ୧ ବର୍ଷ କାରାଦଣ୍ଡ ଓ ୨ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି ଭଦ୍ରକ ଅତିରିକ୍ତ ଜିଲ୍ଲା ତଥା ଦୌରା ଜଜ ଶ୍ରୀ ପ୍ରଭାତ ରଞ୍ଜନ ରାୟଗୁରୁ। ତେବେ ସମସ୍ତ ଦଣ୍ଡାଦେଶ ଏକ ସାଥିରେ ଚାଲିବାକୁ ଆଦେଶ ଥିବାରୁ ଅଭିଯୁକ୍ତ ସ୍ୱାମୀ ଆଜୀବନ ଜେଲ ଚାରିକାନ୍ଥ ମଧ୍ୟରେ ଜୀବନ ବିତେଇବ। ଘଟଣାରୁ ପ୍ରକାଶ ଯେ ଧାମନଗର ଥାନା ଅନ୍ତର୍ଗତ ବନ୍ଧଟିଆ ଗ୍ରାମର ଯୋଗେନ୍ଦ୍ର ଜେନାଙ୍କ କନ୍ୟା ଆରତୀ ଗତ ପ୍ରାୟ ୧୪ ବର୍ଷ ତଳେ ଯାଜପୁର ଜିଲ୍ଲାର ମଙ୍ଗଳପୁର ଅଞ୍ଚଳର ଅଭିଯୁକ୍ତ ଅଜିତକୁ ବିବାହ କରିଥିଲା। ବିବାହ ବେଳେ ସେ ବର ଘର ପକ୍ଷରୁ ଦାବି ମୁତାବକ ୨୦ହଜାର ଟଙ୍କା, ପରେ ପୁଣି ୩୦ ହଜାର ଟଙ୍କା ଦେବା ପରେ ବି ଅଜିତ ପୁଣି ଏକ ମୋଟର ସାଇକେଲ ଯୌତୁକ ଦାବି କରିଥିଲା। ମାତ୍ର ନଗଦ ଟଙ୍କା ନ ଥିବାରୁ ଅଜିତ ଫାଇନାନ୍ସରେ ଏକ ମୋଟର ସାଇକେଲ ଆଣିଥିଲା, ଯାହାର କିସ୍ତି ମଧ୍ୟ ସେ ଦେଇଥିଲେ। ଉଭୟଙ୍କର ୨ ଗୋଟି ଝିଅ ଓ ଗୋଟିଏ ପୁଅ ମଧ୍ୟ ଅଛନ୍ତି। ଦୋଷୀ ସାବ୍ୟସ୍ତ ଅଜିତର ପୈତୃକ ଘର ଯାଜପୁର ଜିଲ୍ଲାର ମଙ୍ଗଳପୁର ଅଞ୍ଚଳର ହୋଇ ଥିଲେ ବି ବିବାହର ୪ ମାସ ପରେ ନିଜର ପିଉସୀ ଘର କଲ୍ୟାଣୀ ଗ୍ରାମରେ ଉଠି ଆସି ରହିଥିଲା। ଗତ ୨୦୧୭ ମସିହା ଅଗଷ୍ଟ ମାସ ୧୬ ତାରିଖରେ ଯୋଗେନ୍ଦ୍ର ଖବର ପାଇଲେ ତାଙ୍କ କନ୍ୟା ଆରତିକୁ ତାର ସ୍ୱାମୀ ଅଜିତ ଶାବଳରେ ପିଟି ମୁଣ୍ଡ ଫଟାଇ ଦେଇ ସଞ୍ଜ୍ଞା ହିନ କରି ଦେଇଛି। ପଡୋଶୀମାନେ ତାକୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସରେ ନେଇ ଆସିବା ପରେ ତାର ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆ ଯାଇଥିଲା, ମାତ୍ର ସେଠାରେ ଡାକ୍ତର ଆରତିଙ୍କୁ ମୃତ ଘୋଷଣା କରିଥିଲେ। ଯୋଗେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଧାମନଗର ଥାନା କେସ ନଂ- ୧୮୪ ଦଫା- ୩୦୨,୪୯୮ (କ) ଓ ଯୌତୁକ ନିରୋଧ ଆଇନର ଧାରା ୪ ଅନୁଯାୟୀ ଏକ ମାମଲା ରୁଜୁ ହୋଇ ଥିଲା। ପୋଲିସ ଅଜିତକୁ ଗିରଫ କରି ଜେଲ ପଠାଇ ଦେଇଥିଲା। ଯାହାକି ଅତିରିକ୍ତ ଜିଲ୍ଲା ଜଜଙ୍କ ଆଲତରେ ଏସ.ଟି.କେସ ନଂ – ୨୫୧/୨୦୧୭ ହୋଇ ବିଚାରାଧୀନ ଥିଲା। ଆଜି ମାନ୍ୟବର କୋର୍ଟ ଏହି ରାୟ ପ୍ରାକାଶ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅରୁଣ ମିଶ୍ର , ସୂର୍ଯ୍ୟକାନ୍ତ କୁଅଁର ମାମଲା ପରିଚାଳନା କରୁଥିଲେ।

## ଦିଲ୍ଲୀର ୩୨ ସ୍କୁଲକୁ ମିଳିଲା ବମ୍‌ରେ ଉଡ଼ାଇବାର ଧମକ

ନୂଆଦିଲ୍ଲୀ, ୧୮/୮ (ନି.ପ୍ର): ଦିଲ୍ଲୀରେ ପୁଣିଥରେ ସ୍କୁଲମାନଙ୍କୁ ବମ୍‌ରେ ଉଡ଼ାଇବାର ଧମକ ମିଳିଛି। ରାଷ୍ଟ୍ରୀୟ ରାଜଧାନୀର ୩୨ ସ୍କୁଲ୍‌କୁ ସୋମବାର ସକାଳେ ବମ୍‌ର ଧମକ ମିଳିଛି। ଏମାନଙ୍କ ମଧ୍ୟରୁ ଅଧିକ କାଲ୍ ଦ୍ୱାରକା ସ୍ଥିତ ସ୍କୁଲମାନଙ୍କୁ ମିଳିଛି। ଜରୁରୀକାଳୀନ ଭାବେ ସ୍କୁଲଗୁଡ଼ିକୁ ଖାଲି କରାଯାଇଛି ଏବଂ ଆଖପାଖ ଅଂଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଯାଂଚ ପରେ ପୋଲିସ୍ ଏହି ଧମକକୁ ମିଛ କହିଛି। ଅଧିକାରୀମାନେ କହିଛନ୍ତି ଯେ ଏହି ଧମକ ସୋମବାର ଭୋର୍‌ରୁ ଇମେଲ୍ ଜରିଆରେ ଦିଲ୍ଲୀର ବିଭିନ୍ନ ସ୍କୁଲକୁ ପଠାଯାଇଛି।

## ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀର ପ୍ରଥମ ବାର୍ଷିକ ଉତ୍ସବ: ଶିକ୍ଷକ ସୋମନାଥ ସିଂହ ସମ୍ବର୍ଦ୍ଧିତ



ବାରିପଦା , ୧୮/୮ (ନି.ପ୍ର): ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀର ପ୍ରଥମ ବାର୍ଷିକ ଉତ୍ସବ ପୁରୁଣା ହାଟସାହି ସ୍ଥିତ ଟୁଙ୍ଗୀ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଟୁଙ୍ଗୀରେ ପୂଜା ଓ ହୋମ ସହ ଏହି ଉତ୍ସବ ଆରମ୍ଭ ହୋଇଥିଲା । ପରେ ଉପସ୍ଥିତ ଭକ୍ତମାନେ ସାମୁହିକ ଶ୍ରୀଗୁରୁ ଭାଗବତ ପରାୟଣ ଓ ଭଜନ ପରିବେଷଣ କରିଥିଲେ । ଏହି ଉତ୍ସବରେ ବାରିପଦା ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା ସମାଜସେବୀ ସୋମନାଥ ସିଂହଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଓ ମୟୁରଭଞ୍ଜ ଶ୍ରୀଗୁରୁ ଭାଗବତ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ଆମେ ମୟୁରଭଂଜିଆର ଆବାହକ ସାମ୍ବାଦିକ ସଞ୍ଜୟ ଚୌଧୁରୀ ତଥା ସତ୍ୟଜିତ ଶୋମ, ବିଶ୍ୱଜିତ ମହାନ୍ତି, ଦେବେନ୍ଦ୍ର ନାଥ ଦାଶଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ ଓ ଶ୍ରୀଗୁରୁ ଭାଗବତର ପ୍ରଚାର ପ୍ରସାର ପାଇଁ ପ୍ରତିଷ୍ଠିତ ଏହି ଟୁଙ୍ଗୀ ଏକ ବର୍ଷ ମଧ୍ୟରେ ବାରିପଦାରେ ପ୍ରଥମଥର ପାଇଁ ଶ୍ରୀଗୁରୁ ଭାଗବତ ପାଲିଙ୍କି ଶୋଭାଯାତ୍ର ସହ ଶ୍ରୀଗୁରୁ ଭାଗବତ ଜନ୍ମୋତ୍ସବ, ରୋଜ ମାନସିକ ଭିନ୍ୟକ୍ଷମ ବିଦ୍ୟାଳୟରେ ଆଶ୍ରିତ ଅନ୍ତେବାସୀଙ୍କ ପାଇଁ ଖାଦ୍ୟପେୟ, ଦୈନନ୍ଦିନ ଔଷଧ, ଅନ୍ୟାନ୍ୟ ଆବଶ୍ୟକୀୟ ଆସବାବପତ୍ର ପ୍ରଦାନ କରାଯାଇଥିଲା । ଏହି ବର୍ଷ ରଥଯାତ୍ରା ସମୟରେ ଟୁଙ୍ଗୀ ତରଫରୁ ଭଜନ ସନ୍ଧ୍ୟା ସହ ସରବତ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ସାଇଭକ୍ତ ତରୁଣ ଦାସ, କୀର୍ତ୍ତିମୋହନ ମହାନ୍ତି, ଅମିତାଭ ପଟ୍ଟନାୟକ, ବିଶ୍ୱମୋହନ ବାରିକ, ମନୋଜ କୁମାର ମହାନ୍ତ, ଦୁଷ୍ମନ୍ତ ସେଠି ଓ ରାକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida